୬ ଶ୍ରେୟସଙ୍କ ଉପରେ ମୋଟା ଅଙ୍କର ଜରିମାନା ଲଗାଇଲା ବିସିସିଆଇ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
ସମ୍ବାଦ କଳିକା TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00
• ବର୍ଷ–୩୩ • ସଂଖ୍ୟା–୬୨ • ୨ ଅପ୍ରେଲ ୨୦୨୬ ଗୁରୁବାର • ଭୁବନେଶ୍ୱର • Vol -33 • Issue-62 • 2nd April 2026, Thursday • Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

# ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଆରେ ଚିଠି ଲେଖିଲେ ପ୍ରଧାନମନ୍ତ୍ରୀ

## ମୁଖ୍ୟମନ୍ତ୍ରୀଙ୍କୁ କଲେ ପ୍ରଶଂସା

**ନୂଆଦିଲ୍ଲୀ, ୧।୪**

ବୁଧବାର ଅପ୍ରେଲ ୧ ତାରିଖ ପବିତ୍ର ଓଡ଼ିଶା ଦିବସକୁ ସାରା ରାଜ୍ୟରେ ଉତ୍ସାହ ଓ ଉଦ୍ଦିପନାର ସହ ପାଳନ କରାଯାଇଛି। ଏହି ଉପଲକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଓଡ଼ିଆରେ ଚିଠି ଲେଖି ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ସରକାରଙ୍କର ପ୍ରଶଂସା ମଧ୍ୟ କରିଛନ୍ତି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ମଞ୍ଚରୁ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

ଓଡ଼ିଶା ଦିବସ ଉପଲକ୍ଷେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଜୟ ଜଗନ୍ନାଥରୁ ଲେଖା ଆରମ୍ଭ କରି, ଓଡ଼ିଶାବାସୀଙ୍କୁ ଶୁଭକାମନା ଜଣାଇବା ସହ ଓଡ଼ିଶାର ଐତିହ୍ୟ, କଳା ଓ ପରମ୍ପରାର ପ୍ରଶଂସାରେ ଶତମୁଖ ହୋଇଛନ୍ତି । ସେ ଲେଖିଛନ୍ତି– ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ । କବି ଜଗବନ୍ଧୁଙ୍କ ଠାରୁ ଆରମ୍ଭ କରି ବିଜୁ ପଟ୍ଟନାୟକଙ୍କ ଯାଏଁ, ଓଡ଼ିଶାର ବରପୁତ୍ର ଓ ମହାନ ବ୍ୟକ୍ତିତ୍ୱଙ୍କ ସ୍ମୃତିଚାରଣ କରିଛନ୍ତି ପ୍ରଧାନମନ୍ତ୍ରୀ । ଏଥି ସହ ସେ କୋଣାର୍କ ସୂର୍ଯ୍ୟ ମନ୍ଦିର ଓ ରଥଯାତ୍ରା କଥା ଉଲ୍ଲେଖ କରି ଗୁଜରାଟ ଓ ଓଡ଼ିଶା ମଧ୍ୟରେ ସମାନତା କଥା ଦର୍ଶାଇଛନ୍ତି।





ମୋଦୀ ଲେଖିଛନ୍ତି, ସେ ପ୍ରଧାନମନ୍ତ୍ରୀ ଭାବେ ଶପଥ ନେବା ପରେ ଓଡ଼ିଶା ସହିତ ତାଙ୍କର ଘନିଷ୍ଠ ସମ୍ପର୍କ ଜାରି ରହିଛି । ଓଡ଼ିଶାକୁ ଏ ବର୍ଷ ରେଳ ଓ ସଡ଼କ ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇଛି । ୨୦୨୫-୨୬ ବର୍ଷରେ ଓଡ଼ିଶା ପାଇଁ ରେଳ ଆବଣ୍ଟନ ୧୦ ହଜାର ୬ଶହ କୋଟିକୁ ବୃଦ୍ଧି ପାଇଛି । ଏଥିସହ ମୋହନ ସରକାରଙ୍କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ । ସୁଭଦ୍ରା ଯୋଜନା, ଶିଳ୍ପ ପ୍ରଗତି, ଓଡ଼ିଆ ଅସ୍ମିତାର ସୁଦୃଢ଼ୀକରଣ କଥା ଉଲ୍ଲେଖ କରିଛନ୍ତି । ଶେଷରେ ଲେଖିଛନ୍ତି, ବିକଶିତ ଭାରତ ଓ ବିକଶିତ ଓଡ଼ିଶାର ସହଭାଗୀ ସଂକଳ୍ପ ହାସଲ ଦିଗରେ ଆଗକୁ ବଢ଼ିବା ପାଇଁ ଭାରତ ସରକାର ସର୍ବଦା ଓଡ଼ିଶା ସହିତ କାନ୍ଧକୁ କାନ୍ଧ ମିଶାଇ ଛିଡ଼ା ହେବେ ।

### ମୋଦୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧।୪**
**ନ୍ୟୁଜ୍ ବ୍ୟୁରୋ**

ଉତ୍କଳ ଦିବସରେ ଶୁଭକାମନା ଜଣାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କ ପକ୍ଷରୁ କୃତଜ୍ଞତା ଜଣାଇଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍କଳ ଦିବସର ଏହି ବିଶେଷ ଅବସରରେ ଆପଣ ଜଣାଇଥିବା ହାର୍ଦ୍ଦିକ ଶୁଭକାମନା ପାଇଁ ମୁଁ ଓଡ଼ିଶାବାସୀଙ୍କ ପକ୍ଷରୁ ଆପଣଙ୍କୁ ଗଭୀର କୃତଜ୍ଞତା ଜଣାଉଛି । ଓଡ଼ିଶାର ଗୌରବଶାଳୀ ଇତିହାସ ଏବଂ ଓଡ଼ିଆ ସଂସ୍କୃତିକୁ ଆପଣ (ପୃଷ୍ଠା ୭ରେ)

# ଭାରତର ପ୍ରଥମ ଡିଜିଟାଲ ଜନଗଣନା ଆରମ୍ଭ

**ନୂଆଦିଲ୍ଲୀ, ୧।୪**

ବୁଧବାର ଠାରୁ ଭାରତର ୨୦୨୭ ଜନଗଣନାର ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୋଇଛି, ଯାହା ବିଶ୍ୱର ସର୍ବବୃହତ୍ ଜନଗଣନା ଅଭ୍ୟାସ। ଏଥିରେ ପ୍ରଥମ ପର୍ଯ୍ୟାୟରେ ଡିଜିଟାଲ୍ ମାଧ୍ୟମରେ ଆତ୍ମ-ଗଣନାର ବିକଳ୍ପ ରହିଛି। ଏହା ହେଉଛି ଦେଶର ଷୋଡ଼ଶ ଜନଗଣନା ଏବଂ ସ୍ୱାଧୀନତା ପରଠାରୁ ଅଷ୍ଟମ ଜନଗଣନା। ଏହା ଆଜିଠାରୁ ଗୃହ ତାଲିକା ଓ ଗୃହ ଗଣନା ପର୍ଯ୍ୟାୟ ସହିତ ଆରମ୍ଭ ହୋଇଛି।

ପ୍ରଥମ ଥର ପାଇଁ ଗଣନାକାରୀମାନେ ପାରମ୍ପରିକ କାଗଜଭିତ୍ତିକ ପ୍ରଣାଳୀ ବଦଳରେ ସ୍ମାର୍ଟଫୋନ୍ ବ୍ୟବହାର କରି ଏକ ମୋବାଇଲ୍ ଆପ୍ଲିକେସନ୍ ମାଧ୍ୟମରେ ତଥ୍ୟ ସଂଗ୍ରହ ଓ ଦାଖଲ କରିବେ। ଏହା ସହିତ ବାସିନ୍ଦାମାନେ ହିନ୍ଦୀ ଓ ଇଂରାଜୀ ସମେତ ୧୬ଟି ଭାଷାରେ ଉପଲବ୍ଧ ଏକ ସ୍ୱ-ଗଣନା ପୋର୍ଟାଲ ମାଧ୍ୟମରେ ଅନଲାଇନ୍‌ରେ ସେମାନଙ୍କର ବିବରଣୀ ଦାଖଲ କରିପାରିବେ। ଅଧିକାରୀମାନେ କହିଛନ୍ତି ଯେ, ଉତ୍ତରଦାତାମାନେ ସେମାନଙ୍କର ମୋବାଇଲ୍ ନମ୍ବର ବ୍ୟବହାର କରି ଲଗ୍ ଇନ୍ କରିପାରିବେ, ଘରର ବିବରଣୀ ପୂରଣ କରିପାରିବେ ଏବଂ ଗଣନାକାରୀଙ୍କ ପରିଦର୍ଶନ ସମୟରେ ଅଂଶୀଦାର କରିବାକୁ ଏକ ଅନନ୍ୟ ସେଲ୍‌ଫ-ଏନ୍ୟୁମରେସନ୍ ଆଇଡି ପାଇପାରିବେ।

ପ୍ରଥମ ପର୍ଯ୍ୟାୟରେ ଗୃହ ଅବସ୍ଥା, ଘରୋଇ ସୁବିଧା ଓ ସମ୍ପତ୍ତି ଉପରେ ଧ୍ୟାନ ଦିଆଯିବ। ଗଣନାକାରୀମାନେ ନିର୍ମାଣ ସାମଗ୍ରୀ, ବାସିନ୍ଦାଙ୍କ ସଂଖ୍ୟା, (ପୃଷ୍ଠା ୭ରେ)



### ସ୍ୱ-ଗଣନାରେ ତଥ୍ୟ ପ୍ରଦାନ କଲେ ରାଜ୍ୟପାଳ

**ଭୁବନେଶ୍ୱର, ୧।୪**
**ନ୍ୟୁଜ୍ ବ୍ୟୁରୋ**

ଚଳିତ ଅପ୍ରେଲ ୧ ତାରିଖ ବୁଧବାର ଦିନ ଜନଗଣନା -୨୦୨୭ର ସ୍ୱ - ଗଣନା ପ୍ରକ୍ରିୟା ଆରମ୍ଭ ହେବା ଅବସରରେ ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ସ୍ୱ-ଗଣନାରେ ନିଜର ଆବଶ୍ୟକୀୟ ତଥ୍ୟ ପ୍ରଦାନ କରିଛନ୍ତି । ଏହି ଅବସରରେ ରାଜ୍ୟର ପ୍ରତ୍ୟେକ ପରିବାରକୁ ଗଣନା କରିବା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରି ଜନଗଣନା ପ୍ରକ୍ରିୟାରେ ରାଜ୍ୟର ସମସ୍ତ ଜନସାଧାରଣ ଅଂଶଗ୍ରହଣ କରିବାକୁ ନିବେଦନ କରିଛନ୍ତି।

ଜନଗଣନା ୨୦୨୭ର ସ୍ୱ-ଗଣନା ଆରମ୍ଭ ହୋଇଥିବା (ପୃଷ୍ଠା ୭ରେ)

### ୭ ଦିନ ବଢ଼ିଲା ଧାନ କିଣା ଅବଧି

**ଭୁବନେଶ୍ୱର, ୧।୪**
**ନ୍ୟୁଜ୍ ବ୍ୟୁରୋ**

ଖରିଫ ଧାନକିଣାରେ ରାଜ୍ୟ ସରକାର ୭ ଦିନ ବୃଦ୍ଧି କରିଛନ୍ତି । ଏନେଇ ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର। ମାର୍ଚ୍ଚ ୩୧ରେ ଖରିଫ ଧାନକିଣା ଅବଧି ଶେଷ ହୋଇଥିଲା । ହେଲେ ଏବେବି ଅନେକ ଚାଷୀଙ୍କ ଧାନ କିଣା ହୋଇନଥିବାରୁ ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶା ସରକାରଙ୍କ ପକ୍ଷରୁ ଚାଷୀମାନଙ୍କ ହିତକୁ ଦୃଷ୍ଟିରେ ରଖି ଧାନ କିଣା ଅବଧିକୁ ଆଉ ୭ ଦିନ ପାଇଁ ବୃଦ୍ଧି କରାଯାଇଛି । ବିଶେଷ କରି ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ (ପୃଷ୍ଠା ୭ରେ)

# ସାଉଦି ଆରବ ପରେ ହର୍ମୁଜ ଖୋଲିବାକୁ ଚାପ ପକାଇଲା ୟୁଏଇ

**ଦୁବାଇ, ୧।୪**

ମଧ୍ୟପ୍ରାଚ୍ୟରେ ଯୁଦ୍ଧ ତେଜିବାର ଆଶଙ୍କା ମଧ୍ୟରେ ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ଆମେରିକା ଓ ଅନ୍ୟ ସହଯୋଗୀଙ୍କ ସହ ମିଶି ରଣନୀତିକ ହର୍ମୁଜ ପ୍ରଣାଳୀ ଖୋଲିବାକୁ ପ୍ରସ୍ତୁତ ହେଉଥିବା ଜଣାଯାଇଛି। ଯଦି ୟୁଏଇ ସାମରିକ ବିବାଦରେ ଯୋଗ ଦିଏ, ତେବେ ଏହା ପ୍ରଥମ ପାରସ୍ୟ ଉପସାଗରୀୟ ଦେଶ ହେବ ଯିଏକି ଇରାନ ବିରୋଧରେ ଯୁଦ୍ଧ କରିବ।

ଏକ ରିପୋର୍ଟ ଅନୁଯାୟୀ, ଆରବ ଦେଶ ମିଳିତ ଜାତିସଂଘ ସୁରକ୍ଷା ପରିଷଦର ଏକ ସଂକଳ୍ପନାମା ପାଇଁ ଲବି କରୁଛି, ଯାହା ଏପରି କାର୍ଯ୍ୟକୁ ଅନୁମତି ଦେଇପାରେ। ଏମିରେଟ୍ସ ଅଧିକାରୀଙ୍କ ଉଦ୍ଧୃତି ଦେଇ ରିପୋର୍ଟରେ କୁହାଯାଇଛି ଯେ, ଦେଶର କୂଟନୀତିଜ୍ଞମାନେ ଆମେରିକା ଏବଂ ୟୁରୋପ ଓ ଏସିଆର ସାମରିକ ଶକ୍ତିମାନଙ୍କୁ ବଳପୂର୍ବକ ପ୍ରଣାଳୀ ଖୋଲିବା ପାଇଁ ଏକ ମିଳିତ ମଞ୍ଚ ଗଠନ କରିବାକୁ ଅନୁରୋଧ କରିଛନ୍ତି। ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ଖାଦ୍ୟ ସମେତ ଉଭୟ ରପ୍ତାନି ଓ ଆମଦାନୀ ପାଇଁ ହର୍ମୁଜ ପ୍ରଣାଳୀ ଉପରେ ନିର୍ଭର କରନ୍ତି। ଅଧିକାଂଶ ଗଲ୍ଫ ତୈଳ, ଯାହା ବିଶ୍ୱ ଯୋଗାଣର ପ୍ରାୟ ୨୦ ପ୍ରତିଶତ, ଏହା ଦେଇ ପ୍ରବାହିତ ହୁଏ। କିନ୍ତୁ ଆମେରିକା-ଇସ୍ରାଏଲ ଆକ୍ରମଣର ପ୍ରତିଶୋଧ ସ୍ୱରୂପ, (ପୃଷ୍ଠା ୭ରେ)



# ସବୁ ପେଟ୍ରୋଲ ପମ୍ପରେ ଇଥାନଲ ମିଶା ପେଟ୍ରୋଲ ବିକ୍ରି ବାଧ୍ୟତାମୂଳକ

**ନୂଆଦିଲ୍ଲୀ, ୧।୪**

ଆଗରୁ ବି ପକାଉଥିଲେ, ଆଉ ଆଜିଠୁ ସବୁ ପେଟ୍ରୋଲ ପମ୍ପରେ ବାଧ୍ୟତାମୂଳକ ହେଲା ଇ-୨୦ ଅର୍ଥାତ ଇଥାନଲ୍ ମିଶା ପେଟ୍ରୋଲ୍। ଏବେ ଗୋଟିଏ ଲିଟର ତେଲରେ ୮୦ ପ୍ରତିଶତ ପେଟ୍ରୋଲ୍ ଆଉ ୨୦ ପ୍ରତିଶତ ଇଥାନଲ୍ ପକାଇବାକୁ ପଡିବ। ମଧ୍ୟପ୍ରାଚ୍ୟ ମହାଯୁଦ୍ଧ ଯୋଗୁ ତୈଳ ସଙ୍କଟ ଭିତରେ ସାରା ଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲ ବିକ୍ରି ବାଧ୍ୟତାମୂଳକ କରିଛନ୍ତି କେନ୍ଦ୍ର ସରକାର। ଅର୍ଥାତ୍ ସମସ୍ତଙ୍କ ଗାଡ଼ିରେ ଏବେ ଇଥାନଲ୍ ମିଶା ପେଟ୍ରୋଲ୍ ପଡିବ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୁରୁଣା ଗାଡ଼ି ମାଲିକମାନେ ଏନେଇ ଚିନ୍ତିତ ହୋଇପଡିଛନ୍ତି । ଯଦିଓ ବିଶେଷଜ୍ଞଙ୍କ ମତରେ ନୂଆ ଇନ୍ଧନରେ କୌଣସି ପ୍ରକାର ସମସ୍ୟା ନାହିଁ ତଥାପି ମାଇଲେଜ ହ୍ରାସ, ଇଞ୍ଜିନ ଖରାପ ହେବା ଗୁଜବକୁ ନେଇ ଗ୍ରାହକମାନଙ୍କ ମାନଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି।



ପୁରୁଣା ଅର୍ଥାତ ବିଏସ୍-୪ ମଡେଲ୍ ଗାଡ଼ିକୁ ଖରାପ କରିଦେବ କି, ଇଥାନଲ୍ ମିଶା ପେଟ୍ରୋଲ୍ ପକାଇଲେ ମାଇଲେଜ୍ କମିଯିବ କି ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଙ୍କିମାରୁଛି। ତେବେ ଏହାକୁ ତୈଳ କମ୍ପାନୀ କର୍ତ୍ତୃପକ୍ଷ ଅସ୍ୱୀକାର କରିବା ସହ କହିଛନ୍ତି ଯେ, ଇଥାନଲ ମିଶା ପେଟ୍ରୋଲ୍ ପରିବେଶ ସହିତ ପକେଟ୍ ଉପଯୋଗୀ। ସାଧାରଣତଃ ପେଟ୍ରୋଲର ଗୁଣାବତ୍ତା ଅକ୍ଟେନ୍ ଭ୍ୟାଲ୍ୟୁରୁ ଜଣାପଡ଼ିଥାଏ ।

ନର୍ମାଲ ପେଟ୍ରୋଲର ଅକ୍ଟେନ୍ ୮୮ ରହିଥିବାବେଳେ ଇଥାନଲ ମିଶା ପେଟ୍ରୋଲର ଗୁଣାବତ୍ତା ୯୧। ଏଣୁ ଇ-୨୦ ପେଟ୍ରୋଲ୍ ଗାଡିର ଇଞ୍ଜିନକୁ ଭଲ ରଖିବା ସହିତ ଆହୁରି ଭଲ ପିକ୍ ଅପ୍ ଦେବ, ମାଇଲେଜ୍ ବି ବଢାଇବ। ଇଥାନଲ୍ ଆଖୁ ରସ, ମକା, ପଚା ଆଳୁ ଓ ପଚା ପନିପରିବା ଭଳି ବର୍ଜ୍ୟଯୁକ୍ତ ସାମଗ୍ରୀରୁ ପ୍ରସ୍ତୁତ ହେଉଥିବାରୁ ଚାଷୀମାନେ ମଧ୍ୟ ଉପକୃତ ହୋଇପାରିବେ । ସେପଟେ ଅଟୋମୋବାଇଲ୍ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଗୋଲାବାରୀ ଅଂଚଳରେ ଗୁଳିଚାଳନା, ଦୁଇଜଣଙ୍କୁ ଅଟକ।
- ଅମିତ ଶାହଙ୍କୁ ଚିଠି ଲେଖି 'ନକ୍ସଲବାଦ ମୁକ୍ତ ଭାରତ' ପାଇଁ କୃତଜ୍ଞତା ପ୍ରକାଶ କଲେ ରମଣ ସିଂହ।
- ଗାନ୍ଦରବଲରେ ରାତିସାରା ଚାଲିଛି ଏନକାଉଣ୍ଟର-ଜଣେ ଆତଙ୍କବାଦୀ ନିହତ।
- ଡିବ୍ରୁଗଡ଼ର ମନୋହାରୀ ଚା' ବାଗାନରେ ଚା ପତ୍ର ତୋଳିଲେ ପ୍ରଧାନମନ୍ତ୍ରୀ ମୋଦୀ।

### ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୫,୨୯୫ (+୩୪୪)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୦୨୦ (+୩୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୪୭୧ (+୨୫୮)

### ରୁପା ଦର

ରୂପା – ପ୍ରତି ଗ୍ରାମ ୨୫୫ (+୫)

# କ୍ଷମା ମାଗିଲେ ନିଶିକାନ୍ତ ଦୁବେ

**ନୂଆଦିଲ୍ଲୀ, ୧।୪**

ବିଜୁବାବୁଙ୍କ ପ୍ରତି ଅପମାନଜନକ ମନ୍ତବ୍ୟ ପ୍ରସଙ୍ଗରେ କ୍ଷମା ମାଗିଛନ୍ତି ସାଂସଦ ନିଶିକାନ୍ତ ଦୁବେ । ସୋସିଆଲ ମିଡିଆରେ ପୋଷ୍ଟ କରି ସେ ନିଜର ମନ୍ତବ୍ୟ ପାଇଁ କ୍ଷମା ମାଗିଛନ୍ତି। ବିଜୁ ବାବୁଙ୍କୁ ନେଇ ଦେଇଥିବା ବୟାନ ମୋ ବ୍ୟକ୍ତିଗତ। ମୁଁ ନେହରୁ-ଗାନ୍ଧୀ ପରିବାର ବିଷୟରେ କହିଥିଲି।ମାତ୍ର ମୋ କଥାର ଭୁଲ୍ ଅର୍ଥ ବାହାର କରାଯାଇଥିଲା। ମୋ ମନ୍ତବ୍ୟ କାହାକୁ ଆଘାତ ଦେଇଥିଲେ କ୍ଷମା ମାଗୁଛି।ବିଜୁବାବୁ ଆମ ପାଇଁ ସର୍ବଦା ଷ୍ଟେଟ୍ସ ମ୍ୟାନ୍ ଥିଲେ ଓ ରହିବେ ବୋଲି କହିଛନ୍ତି ନିଶିକାନ୍ତ ଦୁବେ।

ସୂଚନାଯୋଗ୍ୟ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଉପରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ସରଗରମ ହୋଇଥିଲା ରାଜ୍ୟ ରାଜନୀତି। ରାଜ୍ୟସଭାରେ ବିଜେଡିର ଦୃଢ ପ୍ରତିବାଦ ପରେ ମଙ୍ଗଳବାର ବିଧାନସଭାରେ ଏହାକୁ ନେଇ ତୁମୁଳ ହଟ୍ଟଗୋଳ ସୃଷ୍ଟି ହୋଇଥିଲା ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳର ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ। ହଟ୍ଟଗୋଳ ତୀବ୍ରତର ହେବାରୁ ବାଚସ୍ପତି ଗୃହକୁ ମୁଲତବୀ କରିବାକୁ ବାଧ୍ୟ ହୋଇଥିଲେ ।



# ଆମେରିକାର ୨୯ଟି ରାଜ୍ୟକୁ ବ୍ୟାପିଲା କୋଭିଡ୍-୧୯ର ସିକାଡା ଭାରିଆଣ୍ଟ

**ନୂଆଦିଲ୍ଲୀ, ୧।୪**

ସିକାଡା ନାମରେ ଜଣା କୋଭିଡ୍-୧୯ର ଏକ ନୂତନ ସବ୍-ଭାରିଆଣ୍ଟ ବିଏ.୩.୨ ସମଗ୍ର ଆମେରିକାରେ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଓମିକ୍ରନ୍ ପରିବାରର ବିଏ.୩.୨ ସବ୍-ଭାରିଆଣ୍ଟ ପ୍ରଥମେ ୨୦୨୪ ଶେଷ ଭାଗରେ ଦକ୍ଷିଣ ଆଫ୍ରିକାରେ ଚିହ୍ନଟ ହୋଇଥିଲା। ବିଶ୍ୱର ଅତି କମ୍‌ରେ ୨୩ଟି ଦେଶରେ ଏହି ଭାରିଆଣ୍ଟ ଚିହ୍ନଟ ହୋଇଛି। ସେପ୍ଟେମ୍ବର ୨୦୨୫ରୁ ମାମଲା ବୃଦ୍ଧି ପାଇଥିଲେ ବି ବିଶ୍ୱବ୍ୟାପୀ ଏକ ଡୋମିନାଣ୍ଟ ଷ୍ଟ୍ରେନ୍ ଭାବେ ବିବେଚିତ ହୋଇନାହିଁ। ୟୁଏସ୍ ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ୍ ପ୍ରିଭେନସନ୍ (ସିଡିସି) ଅନୁଯାୟୀ, ସ୍ପାଇକ୍ ପ୍ରୋଟିନରେ ବିଏ.୩.୨ ମ୍ୟୁଟେସନ୍ ପୂର୍ବ ସଂକ୍ରମଣ କିମ୍ବା ଟିକାକରଣରୁ ସୁରକ୍ଷାକୁ ଏଡାଇବା ପାଇଁ ସାମର୍ଥ୍ୟ ରଖିଛି। ଆମେରିକାରେ ଏହା ପ୍ରଥମେ ଚାରି ଜଣ ଯାତ୍ରୀଙ୍କ ନାଜାଲ ସ୍ୱାବ୍‌ରେ ଚିହ୍ନଟ ହୋଇଥିଲା। ସେବେଠାରୁ ଏହା ରୋଗୀ ଏବଂ ୨୯ଟି ରାଜ୍ୟର ବର୍ଜ୍ୟଜଳ ପ୍ରଣାଳୀରେ ଚିହ୍ନଟ ହୋଇଛି।



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଦ୍ୱାରା ବିଏ.୩.୨କୁ ଏକ ଭାରିଆଣ୍ଟ ଅଣ୍ଡର ମନିଟରିଂ ଭାବେ ନାମିତ କରାଯାଇଛି। ଅର୍ଥାତ୍ ଏହା ଅଧିକ ବିପଜ୍ଜନକ ହେବ କି ନାହିଁ ତାହା ଦେଖିବା ପାଇଁ ଏହା ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। କିନ୍ତୁ ଏହା ବର୍ତ୍ତମାନ ସୁଦ୍ଧା ଅନ୍ୟ ପୂର୍ବ ଭାରିଆଣ୍ଟ ପରି ଏକ ପ୍ରମୁଖ ବିପଦ ଭାବରେ ଉଭା ହୋଇ ନାହିଁ।

ସିକାଡା ଭାରିଆଣ୍ଟର ଲକ୍ଷଣ ମୁଖ୍ୟତଃ ପୂର୍ବ ଓମିକ୍ରନ୍ ଷ୍ଟ୍ରେନ୍ ସହିତ ସମାନ, ମୁଖ୍ୟତଃ ଉପର ଶ୍ୱାସନଳୀକୁ ପ୍ରଭାବିତ କରିଥାଏ। ସାଧାରଣ ଲକ୍ଷଣ ମଧ୍ୟରେ ଗଳା ଯନ୍ତ୍ରଣା, ଜ୍ୱର, ଥଣ୍ଡା, କାଶ, ଥକ୍କାପଣ, ମୁଣ୍ଡବିନ୍ଧା ଓ ନାକ ବନ୍ଦ ହେବା ଅନ୍ତର୍ଭୁକ୍ତ। କମ୍ ସାଧାରଣ ଲକ୍ଷଣଗୁଡ଼ିକ ମଧ୍ୟରେ ବାନ୍ତି, ଓକାର, ତରଳ ଝାଡ଼ା ଏବଂ ସ୍ୱାଦ କିମ୍ବା ଗନ୍ଧ ହରାଇବା ଅନ୍ତର୍ଭୁକ୍ତ।

ହୁ ଅନୁଯାୟୀ, ପୂର୍ବ ଭାରିଆଣ୍ଟ ତୁଳନାରେ ବିଏ.୩.୨ ବିଶେଷ ଅଭିବୃଦ୍ଧି ଦେଖାଇ ନାହିଁ। ଏହା ଆଜି ମଧ୍ୟ ବିଶ୍ୱବ୍ୟାପୀ ବିରଳ। ବର୍ତ୍ତମାନ ଏହି ଭାରିଆଣ୍ଟ ସହ ଜଡିତ ରୋଗର ଗମ୍ଭୀରତା ବୃଦ୍ଧି ପାଇଥିବାର କୌଣସି ଖବର ନାହିଁ। ଭାରତରେ ଭୟଭୀତ ହେବାର କୌଣସି କାରଣ ନାହିଁ।

### ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ନାମ ଘୋଷଣା

**ଭୁବନେଶ୍ୱର, ୧।୪**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ସରକାରଙ୍କ ପକ୍ଷରୁ ବୁଧବାର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷଙ୍କ ନାମ ଘୋଷଣା କରାଯାଇଛି । ଏଥିରେ ୪ ଜଣ ମନ୍ତ୍ରୀଙ୍କୁ ୪ଟି ଜିଲ୍ଲାର ଯୋଜନା କମିଟି ଅଧ୍ୟକ୍ଷ ଦାୟିତ୍ୱ ମିଳିଛି। ସେମାନେ ହେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ଦେବଗଡ଼ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନାଁ ଘୋଷଣା ହୋଇଥିବା ବେଳେ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଗଜପତି ଦାୟିତ୍ୱ ଦିଆଯାଇଛି । ସେହିପରି ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ରାୟଗଡ଼ା ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ସମ୍ବଲପୁର ଜିଲ୍ଲା କମିଟି (ପୃଷ୍ଠା ୭ରେ)

### ଏକାଳ ପଖାଳ



ଜନଗଣନା ଆରମ୍ଭିଲା ଜନେ
ପନ୍ଦର ବରଷ ପରେ
ସରକାରୀ କର୍ମୀ ବୁଲି ପଚାରିବେ
ଜନେ ସବୁରି ଘରେ
ନାହିଁ କିଛି ଡରିବାରେ
ଦେଶ ହିତପାଇଁ ସତ୍ୟତଥ୍ୟ ଦେବ
ପ୍ରଶ୍ନକୁ ବୁଝିବା ପରେ।

# ବଜେଟ୍ ଅଧିବେଶନ : ଆକ୍ଟିଭ୍ ହେଲେ ନବୀନ



**■ ବିବେକାନନ୍ଦ ଜେନା**

**ଭୁବନେଶ୍ୱର, ୧।୪**

ଗଣତନ୍ତ୍ରର ପବିତ୍ର ମନ୍ଦିର ବୋଲି କୁହାଯାଉଥିବା ଓଡ଼ିଶା ବିଧାନସଭାର ଏଥର ବଜେଟ୍ ଅଧିବେଶନରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇପାରିଲାନାହିଁ। ଯେଉଁ ଗୃହରେ ନିର୍ବାଚିତ ପ୍ରତିନିଧି ହୋଇ ଆସିଥିବା ବିଧାୟକମାନେ ରାଜ୍ୟର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ଆଉ ନିଜ ନିଜ ଅଞ୍ଚଳର ସମସ୍ୟା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିପାରିଲେ ନାହିଁ । ଅଧିବେଶନର ପ୍ରାୟ ଅଧିକାଂଶ ଦିନ ବିରୋଧି ଦଳଙ୍କ ନାରାବାଜି, ହଟ୍ଟଗୋଳ କାରଣରୁ ଗୃହ ଅଚଳ ରହିଲା । ଯଦିଓ ଶୃଙ୍ଖଳିତ ଓ ସ୍ୱାଭାବିକ ଭାବେ ବିଧାନସଭା ଚଳାଇବାରେ ବିରୋଧି ଦଳର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଓ ଭୂମିକା ରହିଛି, ତାହାକୁ ସେମାନେ ଭୁଲିଯାଇଥିଲେ । ନିର୍ଦ୍ଦିଷ୍ଟ ପ୍ରସଙ୍ଗ ଏସ୍‌ସିବିରେ ଅଗ୍ନିକାଣ୍ଡ ଜନିତ ରୋଗୀ ମୃତ୍ୟୁ ଘଟଣାକୁ ନେଇ କେବଳ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଡ଼ିବସି ଅଧିବେଶନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ବିରୋଧି ଦଳ ଯେଉଁ ଅଚଳାବସ୍ଥା ସୃଷ୍ଟି କଲେ ସେ ନେଇ ସମସ୍ତେ ବିଶେଷକରି ସରକାର ଭୀଷଣ ଭାବେ କ୍ଷୁବ୍ଧ ହେଲେ । ଗଣତନ୍ତ୍ରରେ ବିରୋଧି ଦଳର ଭୂମିକାକୁ ଯେଭଳି ଭାବେ ସେମାନେ ଭୁଲିଗଲେ, ତାହାକୁ ସବୁଆଡୁ ନାପସନ୍ଦ କରାଗଲା । ତା'ସତ୍ତ୍ୱେ ସେଥିରୁ କିଛି ଫଳ ବାହାରିଲା ନାହିଁ। ସ୍ୱାଭାବିକ ଗୃହର ସୁପରିଚାଳନା ପାଇଁ ବାଚସ୍ପତି ଏକାଧିକବାର ସର୍ବଦଳୀୟ ବୈଠକ ଡାକିଥିଲେ ମଧ୍ୟ ସେଥିରୁ ମଧ୍ୟ କୌଣସି ନିର୍ଯ୍ୟାସ ବାହାରିଲା ନାହିଁ । ଏମିତି ବିରୋଧିଙ୍କ ସମ୍ପୂର୍ଣ୍ଣ ଦବଦବା ଭିତରେ ଏବଂ ଅସହଯୋଗ କାରଣରୁ ବଜେଟ୍ ଅଧିବେଶନ ଠିକ୍‌ରେ ଚାଲିପାରିଲା ନାହିଁ । ଏଥିଯୋଗୁଁ କୋଟି କୋଟି ରାଜ୍ୟବାସୀଙ୍କ ଟିକସ୍ ଅର୍ଥ ବରବାଦ ହୋଇଗଲା । ଏହାର ଉତ୍ତର ବିଧାନସଭାକୁ ପ୍ରତିନିଧିତ୍ୱ କରୁଥିବା ପ୍ରତ୍ୟେକଙ୍କଠାରୁ ଓଡ଼ିଶାବାସୀ ନିଶ୍ଚୟ ଜାଣିବାକୁ ଚାହିଁବେ । ସରକାର ନା ଆଉ କିଏ ଏହାର ଉତ୍ତର ଦେବେ ?

ଏହି ବଜେଟ୍ ଅଧିବେଶନ କାଳରେ ବହୁତ କିଛି ପରିବର୍ତ୍ତନ ପରିଲକ୍ଷିତ ହେଲା । ତା'ସହିତ ଅନେକ ବ୍ୟତିକ୍ରମ ଘଟଣା ଦେଖିବାକୁ ମିଳିଲା । ସବୁଠାରୁ ବଡ଼କଥା ହେଲା ବଜେଟ୍ ଅଧିବେଶନ କାଳରେ ରାଜ୍ୟସଭା ନିର୍ବାଚନ ଫଳାଫଳ ଆସିବା ପରଠୁ ଭିନ୍ନ ରାଜନୈତିକ ଦୃଶ୍ୟପଟ୍ଟ ବିଧାନସଭା ଭିତରେ ଓ ବାହାରେ ଦେଖିବାକୁ ମିଳିଲା । ଏପରିକି ସମ୍ପୂର୍ଣ୍ଣ ବଦଳିବି ଗଲା। ଯେଉଁଥିରେ ରାଜ୍ୟସଭା ନିର୍ବାଚନ ପୂର୍ବରୁ ଶାସକ ଓ ବିରୋଧି ଦଳ ମଧ୍ୟରେ ଯେଉଁ ପ୍ରକାର ଛକାପଞ୍ଝା, (ପୃଷ୍ଠା ୭ରେ)





## ଚମ୍ପୁଆ ପୁଲିସ ଉପଖଣ୍ଡ ପକ୍ଷରୁ ମେଗା ରକ୍ତ ଦାନ ଶିବିର

**ଚମ୍ପୁଆ, ନ୍ୟୁଜ୍‌ବ୍ୟୁରୋ**

ଚମ୍ପୁଆ ପୁଲିସ ଉପଖଣ୍ଡ ପକ୍ଷରୁ ଚମ୍ପୁଆ ଥାନା ପରିସରରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପ ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ଉପଜିଲାପାଳ ଉମାକାନ୍ତ ପରିଡ଼ା, ସମ୍ମାନିତ ଅତିଥିଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସ୍ନେହାଶିସ ସାହୁ, ଡିଆଇଭି ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଜେ ଭୋକ୍ତା, ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ, ଏସ୍‌ଡିପିଓ ରଶ୍ମିରଂଜନ ସାହୁ, ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଏସଡିପିଓ ଜୟଦିପ ମହାନ୍ତି, ବଡ଼ବିଲ ତହସିଲଦାର ଆର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ । ପୋଲିସ ପ୍ରଶାସନ ସହିତ ସ୍ଥାନୀୟ ସ୍ୱେଚ୍ଛାସେବୀ, ବିଭିନ୍ନ ସଂଗଠନର ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇ ରକ୍ତଦାନ କରିଥିଲେ । ସକାଳ ୧୦ ଘଟିକାରେ ମୁଖ୍ୟ ଅତିଥି ଉପଜିଲ୍ଲାପାଳ ଶ୍ରୀ ପରିଡ଼ା ଅନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିବାପରେ ପ୍ରଥମେ ଚମ୍ପୁଆ ଏସଡିପିଓ ରଶ୍ମିରଂଜନ ସାହୁ ଓ ସାମ୍ବାଦିକ ସଂଜୀବ କୁମାର ରାଜ ରକ୍ତଦାନ କରିବା ପରେ ରକ୍ତଦାନ କାର୍ଯ୍ୟ ଚାଲୁ ରହିଥିଲା । ଏଥିରେ ମୋଟ ୮୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଚମ୍ପୁଆ ରକ୍ତକେନ୍ଦ୍ର ଅଧିକାରୀ ଜ୍ୟୋତିରଂଜନ ମଲ୍ଲିକ ଓ କର୍ମଚାରୀ ରକ୍ତିମା ପ୍ରଧାନ, ଭଗବତୀ ନାଏକ, ତ୍ରିବେଣୀ ନାଏକ, ଓମକାର ପ୍ରମୁଖ ରକ୍ତଦାନରେ ସହାୟତା କରିଥିଲେ । ସ୍ଥାନୀୟ ଅଞ୍ଚଳରେ ରକ୍ତହିନତା ରୋଗୀ, ଗର୍ଭବତୀ ମାଆ, ଥାଲାସିମିଆଁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା କାରଣରୁ ଏମାନଙ୍କ ରକ୍ତର ଚାହିଦା ମେଣ୍ଟାଇବା ତଥା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟର ରକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଏହି ଶିବିର ଆୟୋଜନ କରାଯାଇଥିବା ଏସ୍‌ଡିପିଓ ଶ୍ରୀ ସାହୁ ସୂଚନା ଦେଇଛନ୍ତି ।

## ବରଗଡ଼ରେ ଟମାଟୋର ଅଭାବୀ ବିକ୍ରି : ମିଳୁନି ମୂଲ

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲାରେ ଧାନ ଭଳି ବିଭିନ୍ନ ପନିପରିବାରେ ମଧ୍ୟ ଅଭାବୀ ବିକ୍ରି ସ୍ଥିତି ଉପୁଜିଛି । ଫଳରେ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି । ଏପରିକି ବିକ୍ରୀରେ ମୂଳ ମଧ୍ୟ ମିଳୁ ନଥିବା ଯୋଗୁଁ ଚାଷୀମାନେ ଅଧାରୁ ଅମଳକୁ ଛାଡ଼ି ଦେଉଛନ୍ତି । ବର୍ତ୍ତମାନ ଟମାଟୋର ବିକ୍ରୀରେ ଏଭଳି ଅଭାବନୀୟ ସ୍ଥିତି ଉପୁଜିଛି ।



ଜିଲ୍ଲାର ଗାଇସିଲେଟ ବ୍ଲକର ଗନିଆଁପାଲି, ମଲମୁଣ୍ଡା, ଚାଟିପାଲି, କେରମେଲୀ, ଜଡ଼ାଗଞ୍ଜା, ଯୁଗୀ ବନ୍ଧଲୀ, ତଳପାଲି, ଜାନକେଡ଼ା, ବୁରୋମୁଣ୍ଡା, ଗୌରନମୁଣ୍ଡା, ଅମ୍ବାଭୋନା ବ୍ଲକର ବରା, ବଡ଼ଧରା, ରୁଚିଦା, ନାରଙ୍ଗପୁର ଅଞ୍ଚଳରେ ଟମାଟୋ ବିକ୍ରୀରେ ଚାଷୀମାନେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । ବଡ଼ଧରା ଗ୍ରାମର ରମେଶ ବେହେରା, ସୂର୍ଯ୍ୟକାନ୍ତ ବେହେରା ଚାଷ ଜମିରେ ଅମଳ ଛାଡି ଦେଇଛନ୍ତି । ସେହିପରି ଘେଁସ, ତିଳେଇମାଲର ରବି ଗରିଆ ଜମି ଭାଗ ନେଇ ଚାଷ କରିଥିବା ୩୦ ଡେସିମିଲରେ କରିଥିବା ଟମାଟୋ ଅମଳକୁ ଅଧାରୁ ଛାଡ଼ି ଦେଇଛନ୍ତି । ବେପାରୀମାନେ ଟମାଟୋ କି.ଗ୍ରା ପ୍ରତି ୨ଟଙ୍କାରୁ ୩ଟଙ୍କା ଦରରେ ମାଗୁଥିବା ଯୋଗୁଁ ସେଭଳି ନିଷ୍ପତ୍ତି ନେଇଥିବା ସେ କହିଛନ୍ତି । ତେବେ ପରିବା ସଂରକ୍ଷଣ ପାଇଁ ଜିଲ୍ଲାରେ ଶୀତଳ ଭଣ୍ଡାରର ପର୍ଯ୍ୟାପ୍ତ ବ୍ୟବସ୍ଥା ନଥିବାରୁ ଚାଷୀମାନେ ବିଭିନ୍ନ ସମୟରେ ଏଭଳି ସମସ୍ୟାର ସମ୍ମୁଖୀନ ହୋଇ ଆସୁଛନ୍ତି । ଏହି ଦୃଷ୍ଟିରୁ ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର ନିର୍ମାଣ କରିବା ପାଇଁ ସରକାରୀ ସ୍ତରରେ ପଦକ୍ଷେପ ନେବାକୁ ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ର ଦାବି କରିଛନ୍ତି ।

## ଧାମନଗରରେ ବିଭିନ୍ନ ରାସ୍ତା ଏବେ ମରଣଯନ୍ତା ସାଜିଛି

**ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ**

ଏହି ଜିଲ୍ଲାର ଧାମନଗର ବ୍ଲକର ବିଭିନ୍ନ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଏବେ ସମ୍ପୂର୍ଣ୍ଣ ଆଇସିୟୁରେ । ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର ଚରମ ଅବହେଳା ଯୋଗୁଁ ସାଧାରଣ ଲୋକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଧାମନଗରରୁ ଫଳପୁର, କଲ୍ୟାଣୀ, ଦୋବଲ, କୋଠାର ଏବଂ ଖଡ଼ିମାହାରା, ନଦୀଗାଁ ପରି ମୁଖ୍ୟ ରାସ୍ତାଗୁଡ଼ିକ ବିପର୍ଯ୍ୟସ୍ତ ହୋଇପଡ଼ିଛି । ବିଭାଗୀୟ ଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି, କେତେକ ସ୍ଥାନରେ ରାସ୍ତା କାମ ଚାଲୁଥିଲେ ମଧ୍ୟ ସେଠାରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ । କାମର ବ୍ୟୟ ଅଟକଳ କେତେ, କେଉଁ ଠିକାଦାର ଏହା କରୁଛନ୍ତି ଏବଂ କେଉଁ ମାନଦଣ୍ଡରେ କାର୍ଯ୍ୟ ହେଉଛି, ତାହା ରହସ୍ୟ ଘେରରେ । ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ସାଧାରଣ ଜନତାଙ୍କ ଟିକସ ଟଙ୍କା ପାଣିରେ ପଡୁଥିବା ଅଭିଯୋଗ ହେଉଛି । ଧାମନଗର-ଦୋବଲ ରାସ୍ତା ମଝିରେ ସୃଷ୍ଟି ହୋଇଥିବା ଫାଟଗୁଡ଼ିକ ଏବେ ରକ୍ତମୁଖା ସାଜିଛନ୍ତି । ବିଶେଷ କରି ରାତି ସମୟରେ ବାଇକ୍ ଚଳାଇବା ବେଳେ ଅଜାଣତରେ ଚକ ଉକ୍ତ ଫାଟରେ ପସି ଯାଉଛି, ଯାହା ଫଳରେ ଗାଡ଼ି ଚାଳକମାନେ ଗୁରୁତର ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏଭଳି ଅଭାବନୀୟ ଘଟଣା ପ୍ରତିଦିନ ଘଟୁଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି । ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁଯାୟୀ, ଅନେକ ସ୍ଥାନରେ ମରାମତି ନାମରେ କେବଳ ପ୍ରଲେପ ଦିଆଯାଉଛି । ଫଳରେ କିଛି ଦିନ ନଯାଉଣୁ ରାସ୍ତା ପୁଣି ଫାଟି ଆଁ କରୁଛି । ରାସ୍ତାର ଏଭଳି କରୁଣ ଅବସ୍ଥା ଯୋଗୁଁ ରୋଗୀଙ୍କୁ ନେବା ଆଣିବା କରିବା କିମ୍ବା ଛାତ୍ରଛାତ୍ରୀମାନେ ଯାତାୟାତ କରିବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ସ୍ଥାନରେ ମଧ୍ୟ ଅଧା କାମ ଛାଡ଼ି ଠିକାଦାର କାମ ନିମ୍ନମାନର କରି ଟଙ୍କା ଉଠାଇ ନେଉଛନ୍ତି ଫଳରେ ସାଧାରଣ ଲୋକମାନେ ହଇରାଣ ହେଉଛନ୍ତି । ଏ ଦିଗରେ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହେଉଛି ।

## କ୍ୱାକ୍ ଭରସାରେ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟସେବା : ରୋଗୀଙ୍କ ଜୀବନ ପ୍ରତି ରହୁଛି ବିପଦ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲ୍ଲାରେ ପ୍ରାୟତଃ ସମସ୍ତ ଗ୍ରାମାଞ୍ଚଳରେ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ସରକାରଙ୍କ ପକ୍ଷରୁ ହସ୍ପିଟାଲ, ଜିଲ୍ଲା ହସ୍‌ପିଟାଲ ତିଆରି କରି ସେବା ଯୋଗାଇ ଆସୁଛନ୍ତି । ତଥାପି କିଛି ଲୋକେ ମେଡିକାଲ ନ ଆସି ଅପ୍ରଶିକ୍ଷିତ କ୍ୱାକ୍ ଭରସାରେ ରହି ଧନ ଜୀବନ କ୍ଷୟକ୍ଷତି କରୁଛନ୍ତି । କେବଳ ଗ୍ରାମାଞ୍ଚଳରେ କ୍ୱାକ୍ ରାଜ ଚାଲିଛି ତାହା ନୁହେଁ ସହରରେ ମଧ୍ୟ କ୍ୱାକ୍‌ମାନେ ନିଜର କାୟା ବିସ୍ତାର କରିବାରେ ଲାଗିଛନ୍ତି । ଆଶ୍ଚର୍ଯ୍ୟର କଥା ହେଲା କୌଣସି କ୍ୱାକ୍ ପାଖରେ ନା ଅନୁମତି ଅଛି ନା ଅଭିଜ୍ଞତା ଅଛି ନା ଲାଇସେନ୍ସ ଅଛି । କେବଳ ଲୋକଙ୍କ ଠାରୁ ପଇସା ଠକି ନିଜର ପକେଟ ଗରମ କରୁଛନ୍ତି । ମୁଖ୍ୟତଃ ଗ୍ରାମାଞ୍ଚଳରେ ଏମାନେ ସବୁ ସାଜିଛନ୍ତି ଗୋଟିଏ ଗୋଟିଏ ବିନା ଡିଗ୍ରୀଧାରୀ ଡାକ୍ତର । ଜିଲ୍ଲାର ଅନେକ ଛୋଟଛୋଟ ଗ୍ରାମମାନଙ୍କରେ ଏମାନେ ଗୋଟିଏ ଗୋଟିଏ କ୍ଲିନିକ୍ ଖୋଲି ଲୋକଙ୍କ ଜୀବନ ସହିତ ଖେଳୁଛନ୍ତି । ଏମାନଙ୍କୁ ନିୟନ୍ତ୍ରଣ କରିବାକୁ ନା ସ୍ଥାନୀୟ ପ୍ରଶାସନ ରୁଚି ଦେଖାଉଛି ନା ଜିଲ୍ଲା ପ୍ରଶାସନ ରୁଚି ଦେଖାଉଛି । କ୍ୱାକମାନଙ୍କ ଶୋଷଣ ନୀତି ଯୋଗୁଁ ଅନେକ ରୋଗୀ ମୃତ୍ୟୁ ମୁଖରେ ପଡ଼ିଥିବା ଅନେକ ଉଦାହରଣ ଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସଚେତନ କରାଯାଉନାହିଁ । କ୍ୱାକ ମାନେ ଔଷଧ ନେଉଥିବା ଔଷଧ ଦୋକାନୀଙ୍କୁ ତାଗିଦ୍ କରାଯାଉ ନାହିଁ । କିଛି ଔଷଧ ଦୋକାନୀ କିଛି ପଇସାର ଲାଭ ପାଇଁ ବିନା ଡାକ୍ତର ପରାମର୍ଶ ଓ ବିନା ପେସ୍‌କ୍ରିପସନ୍‌ରେ କ୍ୱାକ୍‌ମାନଙ୍କୁ ଔଷଧ ବିକ୍ରି କରି କ୍ୱାକ ମାନଙ୍କୁ ପରୋକ୍ଷ ଭାବରେ ସାହାଯ୍ୟ କରୁଛନ୍ତି । ଗ୍ରାମାଞ୍ଚଳରେ ହେଉ କିମ୍ବା ସହାରାଞ୍ଚଳରେ ହେଉ କିଛି ରୋଗ ଆକସ୍ମିକ ହେଲେ ପ୍ରଥମେ କ୍ୱାକ୍‌କୁ ଡାକି ଚିକିତ୍ସା କରାଉଛନ୍ତି ଓ ଶେଷରେ କ୍ୱାକ୍ ଦ୍ୱାରା ରୋଗ ଭଲ ନହେଲେ କିମ୍ବା କ୍ୱାକ୍ ହାତ ଟେକିଦେଲେ ଲୋକେ ଶେଷ ମୁହୂର୍ତ୍ତରେ ମେଡିକାଲ ଆଣୁଛନ୍ତି । ଦରକାର ପଡ଼ିଲେ ଡାକ୍ତରଖାନାର ଡାକ୍ତର ରୋଗୀଙ୍କ ସମ୍ପର୍କୀୟଙ୍କୁ ହସ୍ପିଟାଲ ଆଣିବାରେ ଡେରି କରିଦେଲ ଆମେ ରୋଗୀଙ୍କ ଜୀବନ ବଞ୍ଚାଇ ପାରିଲୁନାହିଁ ବୋଲି କହିବାର ଅନେକ ଉଦାହରଣ ରହିଛି । ବର୍ତ୍ତମାନ ଦେଖିବାକୁ ମିଳୁଛି କିଛି କ୍ୱାକ୍ ଏହି ଲାଇନରେ ନିଜର ପୁଅମାନଙ୍କୁ ମଧ୍ୟ ନିୟୋଜିତ କରାଇଲେଣି । ସେପଟେ କ୍ୱାକ୍‌ମାନଙ୍କ ଭରସାରେ ଗାଆଁ ଗାଆଁରେ ବିନା ଅନୁମତିରେ ଛତୁ ଫୁଟିଲା ଭଳି ଔଷଧ ଦୋକାନ ଖୋଲା ଚାଲିଛି ସେହି ଔଷଧ ଦୋକାନ କେବଳ କ୍ୱାକମାନଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଅନେକ ଲୋକ ଅଭିଯୋଗ କରିଛନ୍ତି । ସେହି ଔଷଧ ଦୋକାନମାନଙ୍କରେ କେବେ ବି ପ୍ରଶାସନ ପକ୍ଷରୁ ଦୃଷ୍ଟି ଦିଆଯାଇ ନାହିଁ କି ଲାଗୁଛି ଆଗକୁ ମଧ୍ୟ ଦୃଷ୍ଟି ଦିଆଯିବ ନାହିଁ କୋରାପୁଟ ଜିଲା ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଔଷଧ ଦୋକାନକୁ ଦୃଷ୍ଟି ଦେବା ପାଇଁ ଡ୍ରଗ ଇନ୍‌ସପେକ୍ଟରଙ୍କ ନିକଟରେ ଦାବି କରାଯାଇଛି ।

## ଭାରୀଯାନ ଚଳାଚଳରେ ରାସ୍ତା ପାଲଟିଛି ମରଣଯନ୍ତା : ନିର୍ମାଣ ପାଇଁ ଅଞ୍ଚଳବାସୀଙ୍କ ଦାବି

**ଝାରସୁଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

ସଦର ବ୍ଲକ ଅନ୍ତର୍ଗତ ମରାକୁଟା ଅଞ୍ଚଳରେ ଭାରୀଯାନ ଚଳାଚଳ ଯୋଗୁଁ ବିଜୁ ଏକ୍ସପ୍ରେସ୍ ୱେ ଠାରୁ ଜମେରା ଓ ମରାକୁଟା ପର୍ଯ୍ୟନ୍ତ ରାସ୍ତା ଦୟନୀୟ ଅବସ୍ଥାକୁ ପହଞ୍ଚିଛି । ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଥିବାରୁ ଯାତାୟାତ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡ଼ିଛି ।

ଏହାର ପ୍ରଭାବ ମରାକୁଟା ଓ ଜମେରା ଗ୍ରାମ ପଞ୍ଚାୟତ ସହିତ ବୁଡ଼ିପଦର, ତିହାଡ଼ିପାଲି, ସାଲେଟ୍ରିକା, ଜାମଟିକ୍ରା ଓ ପଣ୍ଡ୍ରିପଥର ଆଦି ଅଞ୍ଚଳର ଲୋକମାନଙ୍କ ଉପରେ ପଡ଼ିଛି । ବିଶେଷ କରି ଛାତ୍ରଛାତ୍ରୀ ଓ ଦୈନନ୍ଦିନ ଯାତ୍ରୀମାନେ ଏହି ରାସ୍ତାରେ ଯାତାୟାତ କରିବାରେ ଦୁର୍ଭୋଗର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ, କମ୍ପାନୀର ଶତାଧିକ ଭାରୀଯାନ ଦୈନିକ ଏହି ରାସ୍ତା ଦେଇ ଚଳାଚଳ କରୁଥିବା ବେଳେ ରାସ୍ତାର କ୍ଷମତା ବାହାରେ ଓଜନ ବହନ କରିବାରୁ ଏହା ଶୀଘ୍ର ନଷ୍ଟ ହେଉଛି । ଫଳସ୍ୱରୂପ, ଅନେକ ସମୟରେ ଦୁର୍ଘଟଣା ଘଟୁଥିବା ମଧ୍ୟ ଦେଖାଯାଉଛି । ରାସ୍ତାର ଦୟନୀୟ ପରିସ୍ଥିତି ଯୋଗୁଁ ଲକ୍ଷ୍ମୀ ବସ୍ ସେବା ମଧ୍ୟ ପ୍ରଭାବିତ ହୋଇଥିବା ସ୍ଥାନୀୟ ଲୋକ କହିଛନ୍ତି । ତେଣୁ ତୁରନ୍ତ ରାସ୍ତା ନିର୍ମାଣ ସହିତ କମ୍ପାନୀର ଭାରୀଯାନ ଚଳାଚଳ ଉପରେ ନିୟନ୍ତ୍ରଣ ଲାଗୁ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି । ଏନେଇ ପିଡବ୍ଲୁଡି ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସତ୍ୟବାନ ପଟେଲ କହିଛନ୍ତି ଯେ, ଉକ୍ତ ରାସ୍ତାରେ ବହୁ ପ୍ରାଇଭେଟ ଜମି ଥିବାରୁ କମ୍ପାନୀ ପକ୍ଷରୁ ସେହି ଜମି କ୍ରୟ କରି ପିଡବ୍ଲୁଡି ବିଭାଗକୁ ହସ୍ତାନ୍ତର କଲେ ପରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ ।

## ସମ୍ବିଧାନ ସଚେତନତା ଯାତ୍ରା ଆୟୋଜନ ନେଇ ପ୍ରସ୍ତୁତି

**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

ଭୀମ ଆର୍ମି ଭାରତ ଚାଲିଥିବା ନେଇ ଆନନ୍ଦପୁର ବ୍ଲକର ବେଲବାହାଲି ମହାବିଦ୍ୟାଳୟ ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଭାପତି ସତ୍ୟବ୍ରତ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭାରତୀୟ ସମ୍ବିଧାନ ପ୍ରଣେତା ଡଃ ଭୀମରାଓ ଆମ୍ବେଦକରଙ୍କ ଜନ୍ମ ଜୟନ୍ତୀକୁ ଏବର୍ଷ ଭବ୍ୟ ଓ ଆଡ଼ମ୍ବର ସହ ପାଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଏହି ଅବସରରେ ବିଶାଳ ବାଇକ ଶୋଭାଯାତ୍ରା ସହ 'ସମ୍ବିଧାନ ସଚେତନତା ଯାତ୍ରା' ଆୟୋଜନ କରାଯିବା ସହ ଆନନ୍ଦପୁର ଉପଖଣ୍ଡ ସ୍ତରରେ ଏକ ବଡ଼ ଜନସମ୍ମିଳନୀ କରିବାକୁ ସମସ୍ତ କାର୍ଯ୍ୟକର୍ତ୍ତାମାନେ ମତ ପ୍ରକାଶ କରିଥିଲେ । ଏହା ପାଇଁ ଜୋରଦାର ପ୍ରସ୍ତୁତି ବୋଲି ସୂଚିତ କରାଯାଇଛି । ଶୋଭାଯାତ୍ରା ସମୟରେ ପରିବେଶ ସୁରକ୍ଷା ଓ ରୋଗୀମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଡିଜେ ସାଉଣ୍ଡ ବ୍ୟବହାର ନକରି ଦେଶୀ ସିଂଘ ବାଜା ଓ ଅଳ୍ପ ଧ୍ୱନିର ବାଦ୍ୟ ବ୍ୟବହାର କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ବ୍ଲକ ସ୍ତରୀୟ ଗାଁ ବୈଦ ଓ ଡିସାରୀ ସମ୍ମିଳନୀ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ବ୍ଲକ ଅନ୍ତର୍ଗତ ଜୟନ୍ତୀ ଗିରି ଠାରେ ଏକ ବ୍ଲକ ସ୍ତରୀୟ ଗାଁ ବୈଦ ଓ ଡିସାରୀ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମ୍ମିଳନୀରେ ମାଗଣା ଆୟୁର୍ବେଦ ଚିକିତ୍ସା ସହ ଔଷଧ ବଣ୍ଟନ କରାଯାଇଥିଲା । ବ୍ଲକର ବିଭିନ୍ନ ଗ୍ରାମରୁ ମହିଳା ଏବଂ ପୁରୁଷ ବୈଦ ଏବଂ ଡିସାରୀମାନେ ଯୋଗ ଦେଇ ଥିଲେ । କୋରାପୁଟ ଜିଲ୍ଲା ଆୟୁର୍ବେଦ ବିକାଶ ପରିଷଦ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଆୟୁର୍ବେଦର ପ୍ରଚାର ଏବଂ ପ୍ରସାଦ ନେଇ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ସଂପାଦକ କବିରାଜ ପରମେଶ୍ୱର ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ବାଲା ରାୟ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଆଇନଜୀବୀ ରାଜେନ୍ଦ୍ର କୁମାର ଗୌଡ଼ ଏବଂ ସ୍ୱତନ୍ତ୍ର ଅତିଥି ଭାବେ ମଦନମୋହନ ନାୟକ, ସମ୍ମାନୀତ ଅତିଥି ଭାବେ ଚନ୍ଦ୍ରକାନ୍ତ ସୂତାର ଯୋଗ ଦେଇ ଗାଁ ବୈଦ ଏବଂ ଡିସାରୀଙ୍କ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଗାଁ ବୈଦମାନେ ଡାକ୍ତର ମାନଙ୍କ ଠାରୁ ଅଧିକ ସେବା ମନୋ ଭାବରେ କାମ କରୁଥିବା ବେଳେ ରାଜ୍ୟ ସରକାର ସେମାନଙ୍କ ପାଇଁ କଳାକାର ଭତ୍ତା ଭଳି ଆର୍ଥିକ ସହାୟତା ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା । ଏଭଳି ଦାବିକୁ ସରକାରଙ୍କ ନିକଟରେ ଉପସ୍ଥାନ ନେଇ ପରିଷଦ କାମ କରିବ ବୋଲି ବୈଠକରେ ଘୋଷଣା କରାଯାଇ ଥିଲା । କାର୍ଯ୍ୟକ୍ରମକୁ ଜବହାର ଜେନା, ଶିବ କେଶବ ଦାସ, ରବିନ୍ଦ୍ର ପଟ୍ଟନାୟକ, ରାଜେଶ କୁମାର ଗୌଡ଼, କାଳିଚରଣ ମହାରଣା, ସତ୍ୟ ନାରାୟଣ ସାହୁ ପରିଚାଳନା କରିଥିଲେ ।

## ଲୁଣାନଦୀର ଜଳସ୍ତର କମୁଛି : ଆଗାମୀ ଦିନରେ ଦେଖାଦେବ ଜଳସଂକଟ

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଡିସେମ୍ବର ମାସଠାରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବାହିତ ଲୁଣାନଦୀର ଜଳସ୍ତର କମିବାରେ ଲାଗିଛି । ଫଳରେ ଆଗାମୀ ଦିନରେ କେନ୍ଦ୍ରାପଡ଼ା ପୌରାଞ୍ଚଳରେ ପିଇବା ପାଣି ସମସ୍ୟା ଦେଖାଦେବା ସହ ଅବବାହିକାରେ ଥିବା ଚାଷଜମି ପଡ଼ିଆ ପଡ଼ିବା ଆଶଙ୍କା ଦେଖାଦେଇଛି । ଲୁଣାନଦୀରୁ ବେଆଇନ ଭାବେ ବାଲି ଉଠାଯାଉଥିବାରୁ ନଦୀପଥର ପରିବର୍ତ୍ତନ ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି । ଜିଲ୍ଲାରେ ପ୍ରବାହିତ ନଦୀଗୁଡ଼ିକର ସଂଯୋଗୀକରଣ ପରେ ଏହି ସମସ୍ୟାର ସମାଧାନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି । କେନ୍ଦ୍ରାପଡ଼ା ସହରସ୍ଥ ଖଡ଼ଇଙ୍ଗର କ୍ଷିତୀଶ କୁମାର ସିଂହ କହିଛନ୍ତି, ସହରକୁ ଜଳ ଯୋଗାଣ ପାଇଁ ପିଏଚ୍‌ଡି ଓ ଜଳ ସମ୍ପଦ ବିଭାଗର ସମନ୍ୱୟରେ ଲୁଣାନଦୀର କଳପଡ଼ାଠାରୁ ପାଣି ଉଠାଯାଉଛି । ତେବେ ଜାନୁଆରୀରୁ ନଦୀର ପମ୍ପ ହାଉସ୍ ପାଖ ଶୁଖିଲା ପଡ଼ିଛି । ଏଥିପାଇଁ ୭୦୦ ମିଟର ଦୂରରୁ ଏକ ୧୫୦ ମିଟରର ନାଳି ଖୋଳା ଯାଇ ପମ୍ପ୍ ହାଉସ୍ ନିକଟକୁ ପାଣି ଅଣାଯାଉଥିଲା । ଏହି ନାଳି ଏବେ ଶୁଖିଲା ଅବସ୍ଥାକୁ ଆସିଗଲାଣି । ଏପରି ସ୍ଥିତି ରହିଲେ ଆସନ୍ତା ୧୫ ଦିନ ମଧ୍ୟରେ ସହରକୁ ଜଳ ଯୋଗାଣ ବନ୍ଦ ହୋଇଯିବ ।



ବୁଦ୍ଧିଜୀବୀ ସନ୍ତୋଷ କୁମାର ପଣ୍ଡା କହିଛନ୍ତି, ପଡ଼ାଗୟାସପୁର, ଗୟାସପୁର, ଥାଉରୀ, ଚଢ଼େଇଗୁଆଁ, ରାଜଗଡ ଓ ଅଙ୍ଗୁଲାଇ ଆଦି ସ୍ଥାନରେ ଲୁଣାନଦୀର ଚେକ୍‌ଡ୍ୟାମ୍ ହୋଇଛି । ପାନୀୟ ଜଳ ଯୋଗାଣ ସହ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ହେବା କଥା । ତେବେ ଖରା ଆରମ୍ଭରୁ ଲୁଣା ନଦୀ ଜଳସ୍ତର ହ୍ରାସ ପାଇଥିବାରୁ ପ୍ରାୟ ୧୦ ହଜାର ହେକ୍ଟର ଜମି ପଡିଆ ପଡିବ ବୋଲି ଆକଳନ କରାଯାଉଛି ।

ଏ ସମ୍ପର୍କରେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଲୁଣା ନଦୀ କେନ୍ଦ୍ରାପଡ଼ା ମଧ୍ୟ ଦେଇ ପ୍ରବାହିତ ହେଉଛି । ନଦୀର ଲମ୍ବ ୭୩ କି.ମି.ହୋଇଥିବା ବେଳେ ବ୍ରିଟିଶ ଶାସନ ସମୟରେ ଏହି ବାଟ ଦେଇ ନୌବାଣିଜ୍ୟ ହେଉଥିଲା । ଏହାର ରକ୍ଷଣାବେକ୍ଷଣ ଅଭାବ, ବେଆଇନ ବାଲି ଓ ମାଟି ଉଠାଣ, ଜବରଦଖଲ ହେତୁ ଏବେ ନଦୀର ଗତିପଥ ଓ ଜଳଧାରର କ୍ଷମତାରେ ପରିବର୍ତ୍ତନ ହୋଇଛି । ଏହି ଜିଲ୍ଲାର ଅଧିବାସୀ ଚାଷ ଉପରେ ନିର୍ଭରଶୀଳ ହୋଇଥିବା ବେଳେ ୧୫,୮୫୦ ହେକ୍ଟର ଚାଷ ଜମିରେ ଉଦ୍‌ବୃତ୍ତ ଜଳର ନିଷ୍କାସନ ପାଇଁ କୌଣସି ବ୍ୟବସ୍ଥା ନାହିଁ । ସେହିପରି ଜିଲାର ୩୨,୩୫୦ ହେକ୍ଟର ଚାଷଜମି ଲୁଣା । ଏଥିସହ ବର୍ଷାଦିନେ ୩୪,୯୫୨ ହେକ୍ଟର ଜମିରେ ବନ୍ୟାଜଳ ମାଡ଼ିଯାଉଛି । ଜିଲ୍ଲାର ୮୪,୯୧୦ ହେକ୍ଟର ଜମିକୁ ପାଣି ଯାଉ ନ ଥିବାରୁ ଏକ ପ୍ରକାର ଅଘୋଷିତ ମରୁଡ଼ି ଅଞ୍ଚଳ ଭାବେ ପରିଗଣିତ ହେଉଛି ।

ନଦୀ ଓ ମୁଖ୍ୟ କେନାଲଗୁଡିକର ଜଳ ପରିଚାଳନା ପାଇଁ ଜିଲ୍ଲା ପରିଷଦରେ ବାରମ୍ବାର ଦାବି ସତ୍ତ୍ୱେ କୌଣସି ସୁଫଳ ମିଳିଲା ନାହିଁ । ସାମାଜିକ କର୍ମୀ ପ୍ରତାପ କୁମାର ତ୍ରିପାଠୀ କହିଛନ୍ତି, ଲୁଣା ନଦୀର ଜଳସେଚନ ଫଳରେ ଜିଲ୍ଲାରେ ଧାନ ସହ ରବି ଫସଲ ଓ ନଳିତା, ବାଦାମ ଆଖୁ ପରି ଅର୍ଥକରୀ ଫସଲ, ପନିପରିବା ଚାଷ ହେଉଥିଲା । ଗତ କିଛି ବର୍ଷ ଧରି ଏହି ନଦୀର ଜଳସ୍ତର କମିବାରେ ଲାଗିଛି । ମହାନଦୀର ଉପରମୁଣ୍ଡରେ ଛତିଶଗଡ଼ ସରକାରଙ୍କ ବନ୍ଧ ନିର୍ମାଣ ଫଳରେ ଏପରି ସ୍ଥିତି ଉପୁଜିଛି ବୋଲି ସେ ମତ ଦେଇଛନ୍ତି ।

କୃଷକ ନେତା ବିଜୟ କୁମାର ପରିଡ଼ା କହିଛନ୍ତି, ଜିଲ୍ଲାରେ ୭ ନଦୀ ପ୍ରବାହିତ ହେଉଛି । ଏହି ନଦୀଗୁଡ଼ିକୁ ସଂଯୋଗୀକରଣ କରାଯାଇ ବିଭିନ୍ନ ସ୍ଥାନରେ ବ୍ୟାରେଜ ନିର୍ମାଣ କରାଗଲେ ଜିଲ୍ଲାର ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା ହୋଇପାରନ୍ତା । ଏନେଇ ପ୍ରଶାସକ ଓ ସ୍ଥାନୀୟ ରାଜନେତା କୌଣସି ପଦକ୍ଷେପ ନେଉନାହାନ୍ତି । ଜଳ ସମ୍ପଦ ଅଧୀକ୍ଷଣ ଯନ୍ତ୍ରୀ ରାକେଶ କୁମାର ମଲ୍ଲିକ କହିଛନ୍ତି, ଏହି ନଦୀର ଜଳ ଧାରଣ କ୍ଷମତା ବୃଦ୍ଧି ପାଇଁ ବିଭିନ୍ନ ପ୍ରକଳ୍ପର ପ୍ରୟାସ ଜାରି ରହିଛି ।

## ମିଳୁନି ଗ୍ୟାସ୍ : ଚୁଲି ମୁହାଁ ଲୋକେ

**ଭଞ୍ଜନଗର, ନ୍ୟୁଜ୍‌ବ୍ୟୁରୋ**

ଇରାନ, ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ରୋଷେଇ ଘର ଉପରେ ମଧ୍ୟ ପଡ଼ିଛି । ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଅଞ୍ଚଳରେ ରନ୍ଧନ ଗ୍ୟାସ୍ ଘୋର ଅଭାବ ଦେଖାଦେଇଛି । ତେଣୁ ଉପଭୋକ୍ତାମାନେ ପୁଣି ଜାଳେଣି ପାଇଁ କାଠ ବ୍ୟବହାର କଲେଣି । ଗ୍ୟାସ୍ ଠିକ ଭାବେ ମିଳୁ ନ ଥିବା ଯୋଗୁ ଲୋକଙ୍କ ଚୁଲି ମଧ୍ୟ ଠିକ୍ ଭାବେ ଆଉ ଜଳୁନାହିଁ । ଗ୍ୟାସ୍‌ରେ ରୋଷେଇ କରିବା ଉପଭୋକ୍ତାମାନେ ଅଭ୍ୟସ୍ତ ହୋଇଥିବା ବେଳେ ହଠାତ ରନ୍ଧନ ଗ୍ୟାସ୍ ନିର୍ଦ୍ଧାରିତ ସମୟରେ ମିଳୁନାହିଁ । ଯାହାକୁ ନେଇ ଉପଭୋକ୍ତାମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସହରରେ ୨୫ ଦିନରେ ଗ୍ୟାସ୍ ବୁକିଂ କରିବା ବ୍ୟବସ୍ଥା ଥିବା ବେଳେ ବୁକିଂର ୧୦ ଦିନ ପରେ ଗ୍ୟାସ୍ ମିଳୁଛି । ବଡ଼ ପରିବାରଗୁଡିକୁ ବିଳମ୍ବରେ ଗ୍ୟାସ ମିଳିବାଦ୍ୱାରା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ କମର୍ସିଆଲ ଗ୍ୟାସ ମିଳୁନାହିଁ । ତେଣୁ ସହରର ଅନେକ ହୋଟେଲ ଓଳିଏ ଖୋଲିଲେ ଓଳିଏ ବନ୍ଦ ରହୁଛି । କଳା ବଜାରରୁ ଗ୍ୟାସ କିଣିଲେ ଅଧିକ ଦର ଦେବାକୁ ପଡୁଛି । ତେଣୁ ହୋଟେଲ ବ୍ୟବସାୟୀମାନେ ଠିକ ଭାବେ ହୋଟେଲ ଖୋଲି ପାରୁନାହାନ୍ତି । ଅନ୍ୟପଟେ କିଛି ଜିନିଷର ଦରଦାମ ମଧ୍ୟ ବୃଦ୍ଧି ପାଇଲାଣି । ଅନ୍ୟପଟେ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ମଧ୍ୟ ଗ୍ୟାସ କଳାବଜାରୀ ଯେଭଳି ନ ହେବ ସେଥିପ୍ରତି ଦୃଷ୍ଟି ଦିଆଯାଇଛି । ଯଦି ଯୁଦ୍ଧ ବନ୍ଦ ନ ହୁଏ ତେବେ ଆଗାମୀ ଦିନରେ ଏହି ସମସ୍ୟା ଆହୁରି ବଢ଼ିଯିବ ।



## ଭୋକ-ଶୋଷ ମେଣ୍ଟାଉଛି ତରଭୁଜ



**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦିନେ ଶୀତଳ ଥିବା କୋରାପୁଟ ଜିଲ୍ଲାରେ ଏବେ ବଢ଼ିଲାଣି ଖରାର ପ୍ରକୋପ । ବାହାରକୁ ବାହାରିଲେ ବଢୁଛି ଶୋଷ । ମୃଦୁ ପାନୀୟ ଶରୀର ପାଇଁ କ୍ଷତିକାରକ ହୋଇଥିବାରୁ ସଚେତନ ବ୍ୟକ୍ତି ଧୀରେଧୀରେ ଏଥିରୁ ମୁହଁ ଫେରାଇଲେଣି । ପଥଚାରୀ ନିଜର ଶୋଷ ଓ ଭୋକ ମେଣ୍ଟାଇବା ପାଇଁ ତରଭୁଜ ଖାଇବାକୁ ବେଶି ପସନ୍ଦ କରୁଥିବା ଦେଖିବାକୁ ମିଳୁଛି । ଏଭଳି ପରିସ୍ଥିତିରେ ପାଟିକୁ ସୁଆଦିଆ ଆଉ ପେଟକୁ ଥଣ୍ଡା କରୁଥିବା ଖରାଦିନିଆ ପାନୀୟ ଓ ଫଳର ଚାହିଦା ଏବେ ବଢି ଯାଇଛି । ପୁଦିନା ଲେମ୍ବୁ, ଆଖୁରସ, ମିଶ୍ରି ପାଣି, ସର୍ବତ, ବେଲପଣା, ତରଭୁଜ, ପଇଡ଼ ଇତ୍ୟାଦିକୁ ଭଳିକିଭଳି ଢଙ୍ଗରେ ଏବେ ଦୋକାନୀମାନେ କୋରାପୁଟ ଜିଲ୍ଲା ଜୟପୁର, ବୋରିଗୁମ୍ମା, ସେମିଳିଗୁଡ଼ା, କୋଟପାଡ଼, କୋରାପୁଟ, ଲକ୍ଷ୍ମୀପୁର ଅଞ୍ଚଳରେ ପ୍ରମୁଖ ସ୍ଥାନରେ ବିକ୍ରି ହେଉଥିବା ଦେଖିବାକୁ ଢେଙ୍କାନାଳ, ମେଳୁଛି । ତରଭୁଜର ବିଭିନ୍ନ ପ୍ରକାର ଯେପରିକି ଆରୋହୀ, ସରସ୍ୱତୀ, ହଳଦିଆ ଆଦି ତରଭୁଜ ବଜାରରେ କରୁଛନ୍ତି । ପ୍ରତିଖଣ୍ଡର ଦାମ୍ ୧୦ ଟଙ୍କା ରହିଛି । ସକାଳ ଠାରୁ ଆରମ୍ଭ କରି ସନ୍ଧ୍ୟା ପର୍ଯ୍ୟନ୍ତ ଏହାର ବେପାର ହେଉଛି ବୋଲି ଜୟପୁର ସହରର ବେପାରୀମାନେ କହିଛନ୍ତି । ଏପରିକି ପ୍ରତି ଛକରେ ଥିବା ଫଳ ଦୋକାନୀ ମାନେ ମଧ୍ୟ ତରଭୁଜ ରଖୁଛନ୍ତି । ଏବେ ତରଭୁଜର ଚାହିଦା ଭାରି ବଢ଼ିଯାଇଛି । ଚାହିଦାକୁ ଦୃଷ୍ଟିରେ ରଖି ବ୍ୟବସାୟୀମାନେ ବିକ୍ରି କରୁଛନ୍ତି । ବର୍ତ୍ତମାନ ଏହାର ମୂଲ୍ୟ କିଲୋକୁ ୩୦ ଟଙ୍କା ପାଖାପାଖି ରହିଛି । କିଛି ଦୋକାନୀ ଏହାକୁ କାଟି ଖଣ୍ଡ ଖଣ୍ଡ କରିଛନ୍ତି । ଗରମ ଓ ଶୋଷରୁ ମୁକ୍ତି ପାଇବା ପାଇଁ ଲୋକମାନେ ତରଭୁଜ ଉପରେ ନିର୍ଭର କରୁଛନ୍ତି । ଲୋକଙ୍କ ଚାହିଦା ଦେଖି ସହର ସାରା ତରଭୁଜ ପସରା ପଡ଼ିଛି ।

## ବିପଦ ସୃଷ୍ଟି କରୁଛି ବେଆଇନ ହୋର୍ଡିଂ



**କେନ୍ଦୁଝର, ନ୍ୟୁଜ୍‌ବ୍ୟୁରୋ**

କେନ୍ଦୁଝର ସହରରେ ଅସୁରକ୍ଷିତ ଏବଂ ବେଆଇନ ହୋର୍ଡିଂ ବିପଦ ସୃଷ୍ଟି କରୁଛି । କାଳବୈଶାଖୀ ଯୋଗୁ ସହରର ଗାନ୍ଧୀ ଛକ ନିକଟ ଅନିତା ଲୁଗା ଦୋକାନ ନିକଟରେ ହୋର୍ଡିଂ ଚିରି ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ପଡ଼ିଥିଲା । ଏପରିକି ଏକ ବୋର୍ଡ ଭାଙ୍ଗି ରାସ୍ତା ଉପରେ ପଡ଼ିଥିଲା । ହେଲେ ଦୁର୍ଘଟଣାରୁ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବୋଲି ସ୍ଥାନୀୟ ଦୋକାନୀ ଅନିଲ ଶଙ୍କର କହିଛନ୍ତି । ପବନ ହେଲେ ସହରର ବିଭିନ୍ନ ସ୍ଥାନରେ ଲାଗିଥିବା ଛୋଟ, ବଡ଼ ହୋର୍ଡିଂଗୁଡ଼ିକ ଉଡ଼ି ଏଣେ ତେଣେ ପଡୁଥିବାରୁ ଯାତାୟାତ ଅସୁରକ୍ଷିତ ହୋଇପଡ଼ିଛି । ଏଣୁ ବେଆଇନ ହୋର୍ଡିଂ ଉପରେ କଟକଣା ଲାଗୁ କରିବାକୁ ସାଧାରଣରେ ଦାବି ହୋଇଛି ।

## ଡ୍ରାଗନ୍ ଫ୍ରୁଟ୍ ପ୍ରେମରେ ଓଡ଼ିଶା ଚାଷୀ : ବର୍ଷକରେ ୭୨୫.୩୩ ମେଟ୍ରିକ୍ ଟନ୍ ଉତ୍ପାଦନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଡ୍ରାଗନ୍ ଫ୍ରୁଟ୍ ପ୍ରେମରେ ଓଡ଼ିଶାର ଚାଷୀ । ଥାଇଲାଣ୍ଡ, ଭିଏତନାମ, ଇସ୍ରାଏଲ୍, ଶ୍ରୀଲଙ୍କା ଓ ଆମେରିକା ଭଳି ଦେଶରେ ଡ୍ରାଗନ୍ ଫ୍ରୁଟ୍ ଚାଷ ହେଉଥିବା ବେଳେ ଏବେ ଏହା ଓଡ଼ିଶାର ଅଧାରୁ ଅଧିକ ଜିଲ୍ଲାରେ ଫଳିଲାଣି । ଏଥିପାଇଁ ସରକାରଙ୍କ ପ୍ରୋତ୍ସାହନ ମିଳୁଛି । ଗତ ଗୋଟିଏ ବର୍ଷରେ ଓଡ଼ିଶାରେ ମୋଟ ୧୦୭ ହେକ୍ଟର ଜମିରେ ଏହି ବିଦେଶୀ ଫଳ ଚାଷ ହୋଇଥିବା ବେଳେ ୭୨୫.୩୩ ମେଟ୍ରିକ୍ ଟନ୍ ଉତ୍ପାଦନ ହୋଇଛି । ଏହା ରାଜ୍ୟ ବାହାରକୁ ମଧ୍ୟ ରପ୍ତାନୀ କରାଯାଉଛି ।



ବିଧାନସଭା ତଥ୍ୟ ଦର୍ଶାଉଛି, ବଲାଙ୍ଗିରରେ ୩୧.୦୩ ହେକ୍ଟର ଜମିରେ ଏହା ଚାଷ ହୋଇଥିବା ବେଳେ ମୋଟ ୧୦୮.୦୫ ମେଟ୍ରିକ ଟନ୍ ଫଳ ଉତ୍ପାଦନ ହୋଇଛି । ଯାହା ସମଗ୍ର ରାଜ୍ୟରେ ସର୍ବାଧିକ । ଏହାପଛକୁ ରହିଛି ମୟୂରଭଞ୍ଜ । ଏଠାରେ ୫.୨୧ ହେକ୍ଟର ଜମିରୁ ୧୦୦.୭୭ ମେଟ୍ରିକ ଟନ୍ ଉତ୍ପାଦନ ହୋଇଛି । ବାଲେଶ୍ୱରରେ ୫.୦୨ ହେକ୍ଟର ଜମିରୁ ୯୮.୦୫ ମେଟ୍ରିକ ଟନ୍, ବରଗଡ଼ରେ ୪.୧୧, ଭଦ୍ରକରେ ୨.୧୮, ବୌଦ୍ଧରେ ୨.୫୩, କଟକରେ ୫୨.୨୬, ଢେଙ୍କାନାଳରେ ୯୩.୩୨, ଗଜପତିରେ ୧.୪୯, ଗଂଜାମରେ ୧.୬୨, ଯାଜପୁରରେ ୨.୯୭, କଳାହାଣ୍ଡିରେ ୨୯.୪୮, କନ୍ଧମାଳରେ ୭.୦୯, କେନ୍ଦ୍ରାପଡ଼ାରେ ୧୭.୮୩, କୋରାପୁଟରେ ୬୫.୪୬, ମାଲକାନଗିରିରେ ୩.୨୯, ନୟାଗଡ଼ରେ ୮୩.୨୮ ମେଟ୍ରିକ ଟନ୍ ଡ୍ରାଗନ ଫ୍ରୁଟ ଉତ୍ପାଦନ ହୋଇଛି ।

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଡ୍ରାଗନ୍ ଫ୍ରୁଟରେ ପ୍ରଚୁର ପରିମାଣରେ ପୋଟାସିୟମ ଓ ଭିଟାମିନ-ସି ରହିଛି । ଯାହା ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରେ । ଡ୍ରାଗନ ଫ୍ରୁଟ୍ ପରେ ରାଜ୍ୟରେ ଅଧିକ କ୍ୟାପସିକମ ଚାଷ କରାଯାଉଛି । ଗତ ବର୍ଷକ ମଧ୍ୟରେ ରାଜ୍ୟରେ ୭୬୭.୫୯ ହେକ୍ଟର ଜମିରେ ଏହା ଚାଷ ହୋଇଥିବା ବେଳେ ମୋଟ ୧୦ହଜାର ୭୭୧.୭୩ ମେଟ୍ରିକଟନ୍ କ୍ୟାପ୍ସିକମ୍ ଉତ୍ପାଦନ ହୋଇଥିଲା । ତେବେ ନୟାଗଡ଼ରେ ଅଧିକ ୧୦୫.୮୮ ହେକ୍ଟର ଜମିରୁ ମୋଟ ୧୩୫୨.୭୪ ମେଟ୍ରିକଟନ୍ କ୍ୟାପ୍ସିକମ ଉତ୍ପାଦନ ହୋଇଥିଲା । ତୃତୀୟରେ ରହିଛି ଷ୍ଟ୍ରବେରୀ ।

ରାଜ୍ୟରେ ୧୦୦ ହେକ୍ଟର ଜମିରେ ଏହି ଚାଷ ହୋଇଥିବା ବେଳେ ମାତ୍ର ୧୬.୮୬ ମେଟ୍ରିକ ଟନ୍ ଫଳ ଉତ୍ପାଦନ ହୋଇଛି । କୋରାପୁଟ, କନ୍ଧମାଳ ଭଳି ଥଣ୍ଡା ଅଞ୍ଚଳରେ ଏହି ଚାଷ ଅଧିକ ହେଉଛି ।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# କୁନିପିଲାଙ୍କପାଇଁ ସୋସିଆଲ ମିଡିଆ ନିଷେଧ ଯୋଜନା

ୟୁରୋପୀୟ ଦେଶ ଅଷ୍ଟ୍ରିଆ ଏବେ ପିଲାମାନଙ୍କ ଅନଲାଇନ୍ ଦୁନିଆକୁ ନେଇ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ସରକାର ୧୪ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ବ୍ୟବହାରକୁ ନିଷେଧ କରିବାକୁ ଯୋଜନା କରୁଛନ୍ତି। ଏହି ନିଷ୍ପତ୍ତିର ଉଦ୍ଦେଶ୍ୟ ଡିଜିଟାଲ୍ ପ୍ଲାଟଫର୍ମର ନକାରାତ୍ମକ ପ୍ରଭାବରୁ ପିଲାମାନଙ୍କୁ ସୁରକ୍ଷା ଦେବା ବୋଲି କୁହାଯାଉଛି। ସରକାରଙ୍କ ମତରେ, ଆଜିକାଲି ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ଏପରି ଆଲଗୋରିଦମ ବ୍ୟବହାର କରୁଛନ୍ତି ଯାହା ପିଲାମାନଙ୍କୁ ଦୀର୍ଘ ସମୟ ପାଇଁ ସ୍କ୍ରିନରେ ଯୋଡି ରଖିଥାଏ। ଏହି ଅଭ୍ୟାସ ଧୀରେ ଧୀରେ ଏକ ନିଶାରେ ପରିଣତ ହୁଏ, ଯାହା ସେମାନଙ୍କର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରେ। ଏହା ବ୍ୟତୀତ, ପିଲାମାନେ ପ୍ରାୟତଃ ସମ୍ବେଦନଶୀଳ ଏବଂ ଅନୁପଯୁକ୍ତ ବିଷୟବସ୍ତୁର ସମ୍ମୁଖୀନ ହୁଅନ୍ତି ଯାହା ସେମାନଙ୍କ ବୟସ ପାଇଁ ଉପଯୁକ୍ତ ନୁହେଁ। ଏହି ପ୍ରସ୍ତାବ ଉପରେ ତିନି ସରକାରୀ ସହଯୋଗୀ ସହମତ ହୋଇଥିଲେ ମଧ୍ୟ, ଏହାର କାର୍ଯ୍ୟାନ୍ୱୟନ ପାଇଁ ତାରିଖ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇନାହିଁ। ଅଧିକାରୀଙ୍କ ଅନୁଯାୟୀ, ଜୁନ୍ ଶେଷ ସୁଦ୍ଧା ଏକ ଡ୍ରାଫ୍ଟ ଆଇନ ପ୍ରସ୍ତୁତ ହୋଇପାରେ। ଏହା ପରେ ହିଁ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରାଯିବ। ସରକାର ସ୍ପଷ୍ଟ କରିଛନ୍ତି ଯେ ଏହା କୌଣସି ନିର୍ଦ୍ଦିଷ୍ଟ ସୋସିଆଲ ମିଡିଆ ପ୍ଲାଟଫର୍ମର ନାମ ନେବ ନାହିଁ। ବରଂ, ଏହା ଯାଞ୍ଚ କରିବ ଯେ କେଉଁ ପ୍ଲାଟଫର୍ମଗୁଡ଼ିକ ଅତ୍ୟଧିକ ନିଶା ସୃଷ୍ଟିକାରୀ ଆଲଗୋରିଦମ ବ୍ୟବହାର କରନ୍ତି କିମ୍ବା ଅନୁପଯୁକ୍ତ କିମ୍ବା ସମ୍ବେଦନଶୀଳ ବିଷୟବସ୍ତୁ ପ୍ରଦର୍ଶିତ କରନ୍ତି ଏବଂ ଏହା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଦିଗରେ ପଦକ୍ଷେପ ନେଉଥିବା ଅଷ୍ଟ୍ରିଆ ଏକମାତ୍ର ଦେଶ ନୁହେଁ। ଅଷ୍ଟ୍ରେଲିଆ ପୂର୍ବରୁ ୧୬ ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ପ୍ରତିବନ୍ଧକ ଲାଗୁ କରିଥିଲା। ଫ୍ରାନ୍ସ ମଧ୍ୟ ୧୫ ବର୍ଷରୁ କମ୍ ବୟସ୍କ ପିଲାମାନଙ୍କ ପାଇଁ ସମାନ ନିୟମକୁ ଅନୁମୋଦନ କରିଛି। ଏହି ପ୍ରସ୍ତାବ ବିତର୍କ ଆରମ୍ଭ କରିଛି। କେତେକ ଏହାକୁ ପିଲାମାନଙ୍କୁ ସୁରକ୍ଷା ଦେବା ପାଇଁ ଆବଶ୍ୟକ ବୋଲି ଭାବୁଥିବା ବେଳେ, ଅନ୍ୟମାନେ ଏହାକୁ ସେମାନଙ୍କର ଡିଜିଟାଲ୍ ସ୍ୱାଧୀନତା ଉପରେ ପ୍ରତିବନ୍ଧକ ଭାବରେ ଦେଖନ୍ତି। ତଥାପି, କେବଳ ଅଷ୍ଟ୍ରିଆରେ ନୁହେଁ ବରଂ ଭାରତରେ ମଧ୍ୟ, ଅତ୍ୟଧିକ ସୋସିଆଲ ମିଡିଆ ବ୍ୟବହାର ପିଲାମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ତେଣୁ ଆମ ଦେଶରେ ମଧ୍ୟ ଏହି ଯୋଜନା ଲାଗୁପାଇଁ ପିତାମାତାଙ୍କ ତରଫରୁ ଦାବି ହେଉଛି।

# ପ୍ରେତିନୀର ପ୍ରେମ



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ପ୍ରାୟ ଷାଠିଏ ଦଶକର ଘଟଣା। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଛାତ୍ର ଥିଲେ ରାଜୀବ। ବର୍ତ୍ତମାନର ଜଗତସିଂହପୁର ନିକଟବର୍ତ୍ତୀ କୌଣସି ଏକ ଗ୍ରାମ ଥିଲା ତାଙ୍କର ନିଜ ଜନ୍ମସ୍ଥାନ। ଦଶହରା ପୂଜା ଛୁଟି ସେ ଗାଁରେ ବିତାଇ କଟକ ଫେରୁଥିଲେ। ସେତେବେଳେ ଦଶହରା ଛୁଟି ବହୁଦିନ ହେଉଥିଲା। ନିଜ ଗ୍ରାମରୁ ରାତ୍ରୀ ବସ୍‌ରେ ଆସିବାରୁ କଟକରେ ପହଞ୍ଚିବାକୁ ହେଲା ପ୍ରାୟ ରାତ୍ରୀ ବାରଟା। ବସ୍ ଷ୍ଟାଣ୍ଡରୁ ରିକ୍ସାରେ ସେ କଲେଜ ହଷ୍ଟେଲକୁ ଫେରୁଥିବାବେଳେ ରେଭେନ୍ସା କଲେଜ ଆଗରେ ଥିବା ଗୋଟାଏ ଗଛ ମୂଳରେ ଯୁବତୀଟିଏ ଏକାକୀ ଠିଆ ହୋଇଥିବାର ଦେଖିଲେ। ତାର ପିନ୍ଧିଥିବା ଶାଢ଼ୀ ଓ ପୋଷାକରୁ ଜଣାପଡୁଥିଲା ଯେ ସେ ଥିଲା କୌଣସି ଜଣେ ସଂଭ୍ରାନ୍ତ ଘରର ଝିଅ। ଏତେ ରାତ୍ରୀରେ ରାସ୍ତା କଡ଼ରେ ଏକୁଟିଆ ଠିଆ ହୋଇଥିବା ଝିଅଟି ପାଖକୁ ସେ ଯାଇ ଦେଖିଲେ ଯେ ସେ ଝିଅଟି ଆଉ କେହି ନୁହେଁ, ତାଙ୍କ ସହିତ ଜଗତସିଂହପୁର ହାଇସ୍କୁଲରେ ପଢୁଥିବା ପାଖ ଗାଁର ବାସନ୍ତୀ। ଝିଅଟି ମଧ୍ୟ ରାଜୀବକୁ ଦେଖି ହତଚକିତ ହୋଇ ପଡ଼ିଲା। "ଏତେ ରାତ୍ରୀରେ ଏଠାରେ କାହିଁକି ଏକୁଟିଆ ଠିଆ ହୋଇଛ" ବୋଲି ରାଜୀବ ପଚାରିବାରୁ ଝିଅଟି ଉତ୍ତର ଦେଲା ଯେ "ସେ ଗାଁରୁ ବସ୍‌ରେ ଆସି ଏଠାରେ ଓହ୍ଲାଇ ରିକ୍ସାକୁ ଅପେକ୍ଷା କରିଛି। ହୁଏତ ଏତେ ରାତ୍ରୀ ହୋଇଯିବାରୁ ଏଠାରେ ରିକ୍ସାର ଦେଖାନାହିଁ। ଜିଲ୍ଲା କିଲଟରଙ୍କ କଚେରିରେ ଚାକିରି କରୁଥିବା କହିବା ସହ ତାହାର ମଉସା ଘର ଝାଞ୍ଜିରମଙ୍ଗଳାରେ ସେ ରହୁଥିବା କହିଲା।" ସ୍କୁଲର ସାଥି ଓ ପରିଚିତ ଥିବାରୁ ରାଜୀବ ତାକୁ ନିଜେ ଯାଉଥିବା ରିକ୍ସାରେ ବସାଇ ମଉସା ଘରେ ଛାଡ଼ି ଆସିବାକୁ କହିଲେ। ମାତ୍ର ଝିଅଟି ଆଗ ରାଜୀବକୁ ଛାଡ଼ି ତାହାପରେ ଫେରିବାକୁ କହିବାରୁ ରାଜୀବ ସେଥିରେ ରାଜି ନ ହୋଇ ପ୍ରଥମେ ତାକୁ ଛାଡ଼ିବାକୁ ଗଲେ। ବାସନ୍ତୀ ବି ସେହି ରିକ୍ସାରେ ଯାଇ ଝାଞ୍ଜିରମଙ୍ଗଳାଙ୍କ ମନ୍ଦିର ନିକଟରେ ଓହ୍ଲାଇ ନିଜ ମଉସା ଘର ଆଗରେ ରହିଛି ବୋଲି କହି ଚାଲିଗଲା। ସେଠାରୁ ରାଜୀବ ବି ମେଡ଼ିକାଲ୍‌ର ନିଜ ହଷ୍ଟେଲକୁ ଫେରିଆସିଲେ।

ପରଦିନ ଠିକ୍ ରାତ୍ରୀର ସେହି ସମୟରେ ରାଜୀବଙ୍କ ହଷ୍ଟେଲ ରୁମ୍‌ର ଦ୍ୱାରରେ ଠକ୍ ଠକ୍ ଶବ୍ଦ ହେଲା। କବାଟ ଖୋଲି ସେ ଦେଖିଲେ ଯେ ବାହାର ବାରଣ୍ଡାରେ ଠିଆ ହୋଇଥିଲା ବାସନ୍ତୀ। ଏତେ ରାତ୍ରୀରେ ଠିକଣା ଜାଣି କିପରି ସେ ଆସିପାରିଲା ବୋଲି ପଚାରନ୍ତେ ବାସନ୍ତୀ ଉତ୍ତର ଦେଲା ଯେ ମଉସାଙ୍କ ସହିତ ସେ ଆସିଛି। ମେଡ଼ିକାଲରେ ତାଙ୍କର ଜଣେ କେହି ରୋଗୀ ରହିଛି ଓ ତାକୁ ଦେଖିବାକୁ ମଉସା ଆସିଥିଲେ। ତେଣୁ ତାଙ୍କ ସହିତ ସେ ଆସି ଠିକଣା ପଚାରି ଏଠାକୁ ଆସିପାରିଲା ବୋଲି ଉତ୍ତର ଦେଲା। କ୍ରମାଗତ ଦିନେ ଦୁଇଦିନ ଛାଡ଼ି କିଛି ବାହାନା ନେଇ ବାସନ୍ତୀ ଆସୁଥିଲା। ଏଣିକି ଆଉ ତାକୁ ବାହାନାର ଉତ୍ତର ଦେବାକୁ ପଡ଼ିଲା ନାହିଁ। ବାସନ୍ତୀ ନ ଆସିଲେ ରାଜୀବଙ୍କୁ ଭଲ ଲାଗିଲା ନାହିଁ। କ୍ରମଶଃ ଦୁଇଜଣଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ବେଶ୍ ଗଢ଼ି ଉଠିଲା ଯାହାକି ଶେଷରେ ଦୈହିକ ପ୍ରେମରେ ପରିଣତ ହୋଇଗଲା। କେବଳ ରାତ୍ରୀ ନୁହେଁ ଦିନରେ ବି ବାସନ୍ତୀ ଆସିବାରେ ଲାଗିଲା। ରାଜୀବ ବି ଆଉ କ୍ଲାସ୍‌କୁ ନଯାଇ ବାସନ୍ତୀ ସହିତ ଏକାକୀ କୋଠରିରେ ମଉଜ କରିବାକୁ ଲାଗିଲେ। ସର୍ବଦା ଶହେ ଭାଗ ଉପସ୍ଥାନ ରଖୁଥିବା ରାଜୀବ କ୍ଲାସ୍‌କୁ ନଯିବା ନେଇ ସମସ୍ତଙ୍କର ସନ୍ଦେହ ବଢ଼ିଲା। ଏଣେ ରାଜୀବଙ୍କର ଅସୁସ୍ଥତା କ୍ରମଶଃ ବଢ଼ିବାରେ ଲାଗିଲା। ପ୍ରାୟଶଃ ଖଟ ଉପରେ ସେ ଶୋଇ ରହୁଥିଲେ। ପୁଣି କାହା ସହ ସେ ଗପ କରୁଥିବା ସାଙ୍ଗମାନେ ବି ଠଉରାଇଲେ ହେଲେ କାହା ସହ ସେ ଗପ କରୁଥିଲା ତାହା କେହି ଦେଖି ପାରୁନଥିଲେ। ମେଡ଼ିକାଲ୍ ଛାତ୍ର ହୋଇଥିବାରୁ ଚିକିତ୍ସାରେ ବି ତାଙ୍କର ଆଦୌ ଅବହେଳା ହେଉନଥିଲା। ଯାହା କଲେ ବି ସବୁ ହେଲା ବୃଥା। ଗାଁରେ ଥିବା ତାଙ୍କ ବାପା ଓ ମାଆଙ୍କ କାନକୁ କଥାଟା ଗଲା। ବ୍ୟତିବ୍ୟସ୍ତ ହୋଇ ସେମାନେ ପୁଅକୁ ଦେଖିବା ପାଇଁ କଟକ ଆସିଲେ। ପୁଅର ସେପରି ଅବସ୍ଥା ଦେଖି ସେମାନେ ବି ବ୍ୟତିବ୍ୟସ୍ତ ହୋଇପଡ଼ିଲେ। ଦିନେ ରାଜୀବ ସହିତ ତା'ର ବାପା, ମା' ଓ କେତେକ ସାଙ୍ଗ ଡାକ୍ତରଙ୍କ ପାଖରୁ ଫେରୁଥିବା ବେଳେ ମେଡ଼ିକାଲ କଲେଜ ପରିସରରେ ଥିବା ଗୋଟାଏ ଆମ୍ବଗଛ ମୂଳରେ ବସିଥିବା ଜଣେ ଶ୍ମଶ୍ରୁଧାରୀ ସାଧୁଙ୍କୁ ଭେଟିଲେ। ସାଧୁ ଜଣକ ହିନ୍ଦୀ ଓ ଇଂରାଜୀରେ କଥା ହେଉଥିଲେ। ରାଜୀବଙ୍କୁ ଦେଖି ହଠାତ୍ ସାଧୁ କହିଲେ ଯେ ଏହାକୁ ଗୋଟାଏ ପ୍ରେତିନୀ ଗ୍ରାସ କରିଛି ଓ ଶେଷରେ ତାକୁ ମାରିଦେବ। ତୁରନ୍ତ ଏହାର ଉପଚାର କର ନଚେତ୍ ଏହି ପିଲା ଆଦୌ ଭଲ ହେବ ନାହିଁ। ଏହା କହି ସେ ତାକୁ କିଛି ଚେର ଖାଇବାକୁ ଦେବା ସହ ତୁରନ୍ତ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କ ଛଡ଼ା ତୁଳସୀ ଓ ଚନ୍ଦନକୁ ଏକ ତାବିଜ ଭିତରେ ଭର୍ତ୍ତିକରି ତାହାର ଗଳାରେ ବା ବାହୁରେ ବାନ୍ଧି ଦେବାକୁ ପରାମର୍ଶ ଦେଲେ। ଏପରି କଲେ ସେ ପ୍ରେତିନୀ ଆଉ ଆସିବ ନାହିଁ। ସେମାନଙ୍କ ମନେ ରଖିବା ପାଇଁ କହିଲେ ଯେ ପିଲାକୁ ପୁରୀ ନେଇ ଯିବାବେଳେ ସର୍ବଦା ତାହା ପାଖରେ ଜଗି କରି ବସିବ। ନଚେତ୍ ଚଳନ୍ତା ଟ୍ରେନ୍ ବା ଗାଡ଼ିରୁ ତାକୁ ଧକ୍କାମାରି ପ୍ରେତିନୀ ତଳେ ପକାଇ ମାରିଦେବ।

ଏଣେ ଗ୍ରାମରୁ ଖବର ମିଳିଲା ଯେ ବାସନ୍ତୀ ନାମକ ଝିଅଟି ମାଟ୍ରିକ୍ ପାସ୍ କରିବା ପରେ ଗୋଟାଏ ମଟର ଦୁର୍ଘଟଣାରେ ମରିଯାଇଥିଲା। ଝିଅଟିର ଗୁଣ ଥିଲା ବହୁ ଭଲ ଓ ଦେଖିବାକୁ ବି ଥିଲା ସେ ଅତି ସୁନ୍ଦରୀ। ରାଜୀବଙ୍କୁ ବିଭା ହେବା ପାଇଁ ତାଙ୍କ ଘରୁ ମଧ୍ୟ ପ୍ରସ୍ତାବ ଆସିଥିଲା। କଟକକୁ ଆସୁଥିବା ସମୟରେ ଗାଡ଼ି ଦୁର୍ଘଟଣାରେ ଆହତ ହୋଇ ପ୍ରଥମେ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିଲା ଓ କିଛି ଦିନର ଚିକିତ୍ସା ପରେ ତାହାର ମୃତ୍ୟୁ ହୋଇଯାଇଥିଲା। ସେ କଟକ କିଲ୍‌ଟର ଅଫିସ୍‌ରେ ବି ଚାକିରିରେ ମୁକରିର ଥିଲା।

ସାଧୁଙ୍କ କଥାରେ ରାଜୀବଙ୍କ ବାପା ଓ ମାଆଙ୍କ ସହ ତାହାର ଦୁଇଜଣ ବନ୍ଧୁ ତାଙ୍କୁ ରେଳରେ ପୁରୀକୁ ନେଲେ। ପ୍ରଥମେ ରାଜୀବ ପୁରୀ ଯିବା ପାଇଁ ଆଦୌ ରାଜି ହେଉ ନଥିଲେ। ମାତ୍ର ଜୋର୍ ଜବରଦସ୍ତ କରି ତାଙ୍କୁ ଗାଡ଼ିରେ ବସାଇ ପୁରୀ ନିଆଗଲା। ସାଧୁଙ୍କ କଥା ଅନୁଯାୟୀ ଗାଡ଼ିରେ ଏକୁଟିଆ ବସିବାକୁ ନ ଦେଇ ତାଙ୍କ ଦୁଇ ପାଖେ ଲୋକମାନେ ଜଗି ରହିଲେ। ଗାଡ଼ି ଚାଲିଲା ବେଳେ ରାଜୀବ କହୁଥିଲେ ଯେ ସେହି ଝିଅଟା ଗାଡ଼ିର ଗତି ସହ ତାଳ ମିଳାଇ ଭାସି ଆସୁଥିଲା ଓ ଝରକା ବାଟେ ତାଙ୍କୁ "ବଡ଼ ଠାକୁର"ଙ୍କ ପାଖକୁ ନ ଯିବା ପାଇଁ ବାରଂବାର ଅନୁରୋଧ କରୁଥିଲା। ଯେତେବେଳେ ସେମାନେ ପୁରୀ ରେଳ ଷ୍ଟେସନ୍‌ରେ ଓହ୍ଲାଇଲେ ସେହି ଝିଅଟା ରାଜୀବଙ୍କ ପାଦଧରି କାନ୍ଦିବା ସହ ମନ୍ଦିର ମଧ୍ୟକୁ ନଯିବା ପାଇଁ ହାତ ଯୋଡ଼ି ବାରଂବାର କହୁଥିଲା। ସିଂହଦ୍ୱାର ଅରୁଣ ସ୍ତମ୍ଭ ପର୍ଯ୍ୟନ୍ତ ସେହିଭଳି ସେ ଗୋଡ଼େଇ ଅନୁରୋଧ କରିଚାଲିଥିଲା ବୋଲି ରାଜୀବଙ୍କଠାରୁ ଶୁଣିବାକୁ ମିଳିଥିଲା। ତାହା ସାଥିରେ ଥିବା ଅନ୍ୟମାନେ ସେପରି ଦୃଶ୍ୟ ବା କଥା ଆଦୌ ଶୁଣିପାରୁନଥିଲେ। ମନ୍ଦିର ମଧ୍ୟରେ ପ୍ରବେଶ ପରେ ରାଜୀବଙ୍କର ଆଉ କୌଣସି ପ୍ରଳାପ ରହିଲା ନାହିଁ। ସାଧାରଣଙ୍କ ଭଳି ସମସ୍ତ କାର୍ଯ୍ୟ ତାଙ୍କର ଦେଖାଗଲା। ଶ୍ରୀଜଗନ୍ନାଥଙ୍କ ଦର୍ଶନ ପରେ ପ୍ରଭୁଙ୍କ ଛଡ଼ା ତୁଳସୀ ଓ ଚନ୍ଦନ ସେମାନେ ଆଣି ପାଖରେ ରଖିଥିବା ଏକ ଖାଲି ଡଉଁରିଆରେ ଭରି ରାଜୀବଙ୍କ ହାତରେ ବାନ୍ଧି ଦେଲେ। ତାହା ବନ୍ଧା ହେବାପରେ ଆଉ ରାଜୀବର କୌଣସି ବିଲକ୍ଷଣ ଦେଖାଗଲା ନାହିଁ। କଟକ ଫେରିଆସିବା ପରେ ଔଷଧ ବ୍ୟବହାର କରି ତାଙ୍କ ସ୍ୱାସ୍ଥ୍ୟ ମଧ୍ୟ ସେ ଫେରିପାଇଲେ।

ଏହାର କିଛି ମାସ ପରେ ରାଜୀବ ନିଜ ବାହୁରେ ପିନ୍ଧିଥିବା ଡଉଁରିଆର ଡୋରଟା ଛିଣ୍ଡି ଯାଇଥିବାରୁ ତାହା ଜାଗାରେ ଆଉ ଗୋଟିଏ ନୂଆ ଡୋର ଲଗାଇବା ପାଇଁ ପାଖରେ ଥିବା ଟେବୁଲ୍ ଉପରେ ତାକୁ ରଖି ଦେଇଥିଲେ। ବଜାରରୁ ନୂଆ ଡୋର ଆଣିବାକୁ ତାଙ୍କର ଆଉ ମନେ ରହିଲା ନାହିଁ। ସେହିଭଳି ଡଉଁରିଆଟି ଟେବୁଲ୍ ଉପରେ ରହିଥିଲା। କ୍ରମଶଃ ରାତ୍ରୀ ହେଲା ଓ ରାଜୀବ ମଧ୍ୟ ତାହା ଭୁଲିଯାଇ ଶୋଇପଡ଼ିଲେ। ସକାଳୁ ଦେଖାଗଲା ଯେ ତାଙ୍କ ମୃତ ଶରୀର ସେ ରହୁଥିବା ଛାତ୍ରାବାସ କୋଠାର ପଛପଟର ତଳେ ପଡ଼ିଛି। ଆଉ ପିନ୍ଧିଥିବା ଡଉଁରିଆଟା ସେହିଭଳି ଟେବୁଲ୍ ଉପରେ ରହିଯାଇଛି। ରାତ୍ରୀ ଡ୍ୟୁଟିରେ ଥିବା ଦରୱାନ୍‌ଟି କେବଳ କହିଲା ଯେ ଯେଉଁ ଯୁବତୀଟି ରାଜୀବଙ୍କ ପାଖକୁ ପୂର୍ବରୁ ପ୍ରତିଦିନ ଆସୁଥିଲା ତାକୁ ପାହାଚ ଚଢ଼ି ଉପର ମହଲାକୁ ଯିବାର ସେ ଦେଖିଥିଲା। ସେ ଯିବାର ଅଳ୍ପ ସମୟ ପରେ ଗୋଟାଏ ଭାରି ଜିନିଷ ଉପରୁ ତଳକୁ ପଡୁଥିବାର ଶବ୍ଦ ଶୁଣିବାକୁ ସେ ପାଇଥିଲା। ମାତ୍ର ଟର୍ଚ୍ଚ ପକାଇ ରାତ୍ରୀରେ କିଛି ଦେଖିପାରିଲା ନାହିଁ। ଘଟଣାଟି କଟକ ବାହାରେ ଥିବା ସେହି ସାଧୁଙ୍କ ପାଖରେ ପହଞ୍ଚିଲା। ତାହା ଶୁଣି ତାଙ୍କ ଆଖିରୁ କେତେ ଟୋପା ଲୁହ ଗଡ଼ି ପଡ଼ିଥିଲା। କେବଳ ଉପରକୁ ଚାହିଁ ସେ ହାତ ଯୋଡ଼ି ଦେଇଥିଲେ।

# ମହାଭାରତ ଯୁଦ୍ଧରୁ ଇରାନ- ଇସ୍ରାଏଲ ଆମେରିକା ଯୁଦ୍ଧ ପର୍ଯ୍ୟନ୍ତ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଯଦି ମହାଭାରତ ଯୁଦ୍ଧ ହୋଇନଥାନ୍ତା ତେବେ ଦୁନିଆ ଏକ ବହୁତ ବଡ଼ ସଂଘର୍ଷରୁ ବର୍ତ୍ତିଯାଇଥାନ୍ତା। କିନ୍ତୁ ଧର୍ମ ଏବଂ ଜ୍ଞାନର ସନ୍ଦର୍ଭରେ ଏହାର ଅନେକ ଅଲଗା ଅଲଗା ପ୍ରଭାବ ଦେଖିବାକୁ ମିଳିଥାନ୍ତା। କେତେକ ସମ୍ଭାବିତ ପରିଣାମ ହେଉଛି – ହୁଏତ ଦୁର୍ଯ୍ୟୋଧନ ଏବଂ କୌରବ ଆହୁରି ଅଧିକ ଶକ୍ତିଶାଳୀ ହୋଇଯାଇଥାନ୍ତେ ଅଥବା ପାଣ୍ଡବଙ୍କ ସହ ଶାନ୍ତି ବୁଝାମଣା ମଧ୍ୟ ହୋଇପାରିଥାନ୍ତା। ସମ୍ଭାବିତ ପରିଣାମ – ପାଣ୍ଡବଙ୍କୁ ନ୍ୟାୟ, ଯଦି ପାଣ୍ଡବଙ୍କୁ କୃଷ୍ଣ ମାଗିଥିବା ୫ଟି ପଡ଼ା ମିଳିଯାଇଥାନ୍ତା। ମହାଭାରତ ଯୁଦ୍ଧ ଏକ ବିଶାଳକାୟ ଯୁଦ୍ଧ ଚାଲିଛି ଥିଲାବୋଲି ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ। ଯୁଦ୍ଧଥିଲା ଓ ଯୁଦ୍ଧ ଯୋରସୋରରେ ଲଢ଼ା ଯାଇଥିଲା ଓ ଧନ ବ୍ୟାପକ ଭାବେ ନଷ୍ଟ ହୋଇଥିଲା। ଏହା ଦ୍ୱାପରଯୁଗର ଏକ ଯୁଦ୍ଧ ଖଣ୍ଡା, ଧନୁତୀର, ଗଦାରେ ଲଢାଯାଇଥିଲା। ଏବେ ବିଶ୍ୱରେ ଅନେକ ଦେଶରେ ଯେଉଁ ଯୁଦ୍ଧ ଚାଲିଛି ସେଥିରେ ବନ୍ଧୁକ, କ୍ଷେପଣାସ୍ତ୍ର, ବୋମା ଏବଂ ନ୍ୟୁକ୍ଲିୟର ଟେକ୍ନୋଲୋଜିର ବ୍ୟବହାର କରାଯାଉଛି। ଜାପାନର ହିରୋସୀମା-ନାଗାସାକିରେ ପରମାଣୁ ବୋମାର ପ୍ରଭାବ ଏବେବି ଦେଖିବାକୁ ମିଳୁଛି। ପାକିସ୍ତାନ ଭଳି କିଛି ଦେଶ ପରମାଣୁ ବୋମାର କଥା କହୁଥିବା ବେଳେ ଭାରତ ଭଳି କିଛି ଦେଶ ଶାନ୍ତିର କଥା କହୁଛନ୍ତି। ଆକବର ଏବଂ ରାଣାପ୍ରତାପଙ୍କ ହଳଦୀଘାଟ ଯୁଦ୍ଧ, ପାନିପଥଯୁଦ୍ଧ ହୋଇଥିଲା। ୧୯୬୨ରେ ଭାରତ-ଚୀନ ଯୁଦ୍ଧ, ୧୯୬୫ର ଭାରତ- ପାକିସ୍ତାନ ଯୁଦ୍ଧ, ୧୯୭୧ର ବଙ୍ଗଳାଦେଶ ପାଇଁ ଭାରତ ପାକିସ୍ତାନକୁ ସରେଣ୍ଡର କରାଇଥିଲା। ଏବେ ଇରାନ- ଇସ୍ରାଏଲ ଏବଂ ଆମେରିକା ମଧ୍ୟରେ ଯୁଦ୍ଧ ପୂର୍ବରୁ ଇସ୍ରାଏଲ – ହମାସ ମଧ୍ୟରେ ଏବେଇ ଓ ଋଷ-ୟୁକ୍ରେନ୍ ଯୁଦ୍ଧ ଚାଲିଛି। ପାକିସ୍ତାନ ମଧ୍ୟ ଆଫଗାନିସ୍ତାନ ଉପରେ ବୋମା ବର୍ଷଣ କରୁଛି। ଏ ପଟେ ଯୁଦ୍ଧ ଚାଲିଛି ଓ ଅନ୍ୟପଟେ ଶାନ୍ତିର କଥା ମଧ୍ୟ କୁହାଯାଉଛି। ଏସବୁ ଘଟଣା କେଉଁ ମୋଡ଼ ନେବ ତାହା ସାରାବିଶ୍ୱ ଦେଖୁଛନ୍ତି ଓ ଆଗକୁ ଦେଖିବେ ମଧ୍ୟ। ଆମେରିକା ଭେନଜୁଏଲାର ରାଷ୍ଟ୍ରପତିଙ୍କୁ ତାଙ୍କ ଦେଶରୁ ଗିରଫ କରି ଆମେରିକା ନେଇଆସିଲା। ବିଶ୍ୱର ଅନେକ ଦେଶ ଉପରେ ଟାରିଫ ଲଗାଇଲା ଓ ଏବେ ଇରାନ ଉପରେ ଆକ୍ରମଣ କରିଛି। ସେଇ ଆମେରିକା ପୁଣି ବିଶ୍ୱ ଶାନ୍ତିର କଥା କହୁଛି। ଜାତିସଂଘ ଏସବୁ ଯୁଦ୍ଧକୁ ରୋକି ପାରୁନାହିଁ ଓ ପ୍ରାସଙ୍ଗିକତା ହରାଇ ବସିଛି। କିନ୍ତୁ ଭାରତ ଜାତିସଂଘ ସୁରକ୍ଷା ପରିଷଦର ସ୍ଥାୟୀ ସଦସ୍ୟ ହେବା ପାଇଁ ଏପରିକି ବିଶ୍ୱଗୁରୁ ହେବା ଲକ୍ଷ୍ୟରେ ରହିଛି।

ଯେବେଠାରୁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି ସେବେଠାରୁ ଅନେକ ଯୁଦ୍ଧ ହୋଇଛି। ଏସବୁ ଯୁଦ୍ଧର ସଂଖ୍ୟା ଗଣତି କରିବା ମଧ୍ୟ ଅସମ୍ଭବ। ଅନେକ ଯୁଦ୍ଧ "ଶାନ୍ତି ପାଇଁ ଲଢା ଯାଇଛି" ବୋଲି କୁହାଯାଏ ହେଲେ ଏହାର ଅର୍ଥ ଅସ୍ପଷ୍ଟ। ବିଗତ ୧୦୦ବର୍ଷ ମଧ୍ୟରେ ୨୬୦ ରୁ ଅଧିକ ଯୁଦ୍ଧ ଏବଂ ସଂଘର୍ଷ ହୋଇଛି ଓ ଏସବୁ ଯୁଦ୍ଧରେ ୧୫ କୋଟିରୁ ଅଧିକ ଲୋକ ମରିଛନ୍ତି। ଏକଥା ଅନୁମାନ କରିବା କଷ୍ଟ ଯେ ବିଶ୍ୱର ସୃଷ୍ଟି ପରଠାରୁ ଯୁଦ୍ଧ ଏବଂ ଶାନ୍ତି ପାଇଁ କେତେ ସଂଘର୍ଷ ହୋଇଛି ଓ କ'ର କ'ଣ ସବୁ ନଷ୍ଟ ଭ୍ରଷ୍ଟ ହୋଇଛି। ଇତିହାସରେ ଅନେକ ଯୁଦ୍ଧ କଥା ଉଲ୍ଲେଖ ରହିଛି ଓ ଶାନ୍ତି ବୁଝାମଣା ଏବଂ ସନ୍ଧି ହୋଇଛି କିନ୍ତୁ "ଶାନ୍ତି ପାଇଁ ଲଢେଇ"କୁ ଯୁଦ୍ଧ ଛଡ଼ା ଆଉ କିଛି କୁହାଯିବ ନାହିଁ। ଅତୀତରେ ହୋଇଥିବା ଅନେକ ଯୁଦ୍ଧର ପରିଣାମ ଏବଂ ପ୍ରଭାବ ଆଜି ମଧ୍ୟ ଦେଖାଯାଏ। ଅନେକ କାରଣରୁ ଅନେକ ସଂଘର୍ଷ ଘଟିଛି ଯାହା ବାବଦରେ କୌଣସି ଐତିହାସିକ ତଥ୍ୟ ମଧ୍ୟ ନାହିଁ।

ଯୁଦ୍ଧର କାରଣ ମଧ୍ୟରେ ରହିଛି ସଂସାଧନ, (ଭୂମି, ଜଳ, ଖଣିଜ ପଦାର୍ଥ), ରାଜନୈତିକ ପ୍ରଭୁତ୍ୱ ଏବଂ ନିଜର ସୀମାକୁ ବିସ୍ତାର କରାଯିବା ଉଦ୍ୟମ, ଧାର୍ମିକ ଏବଂ ସାଂସ୍କୃତିକ ମତଭେଦ, ଆର୍ଥିକ ହିତ ଏବଂ ରାଷ୍ଟ୍ରୀୟ ସୁରକ୍ଷା ଭଳି ପ୍ରସଙ୍ଗ। ଏସବୁ କାରଣରୁ ଯୁଦ୍ଧ ହୋଇଥାଏ ଓ ଯୁଦ୍ଧ କାରଣରୁ ରାଷ୍ଟ୍ରର ହିତ ବାଧାପ୍ରାପ୍ତ ହୋଇଥାଏ। ଭୂମୀ, ଜଳ, ଖଣିଜ ଏବଂ ଅନ୍ୟ ପ୍ରାକୃତିକ ସଂସାଧନ ନିୟନ୍ତ୍ରଣକୁ ନେଇ ସଂଘର୍ଷ ହୋଇଥାଏ। ଶାସନର ଲାଳସା, ସୀମା ବିସ୍ତାର ଏବଂ କୌଣସି ଦେଶ ଉପରେ ରାଜନୈତିକ ପ୍ରଭୁତ୍ୱ ସ୍ଥାପନ ପାଇଁ ମଧ୍ୟ ଯୁଦ୍ଧ ହୋଇଥାଏ। ଧାର୍ମିକ ଏବଂ ସାଂସ୍କୃତିକ ମତଭେଦ କାରଣରୁ ଯୁଦ୍ଧ ହୋଇଥାଏ। ବ୍ୟବସାୟର ମାର୍ଗ, ବଜାର ଏବଂ ଆର୍ଥୀକ ପ୍ରଭୁତ୍ୱ ପାଇଁ ପ୍ରତିସ୍ପର୍ଦ୍ଧା ମଧ୍ୟ ଯୁଦ୍ଧର କାରଣ ହୋଇଥାଏ। ସବୁଠାରୁ ବଡ଼ ପ୍ରସଙ୍ଗ ହେଉଛି ରାଷ୍ଟ୍ରୀୟ ସୁରକ୍ଷା। କୌଣସି ଦେଶ ଯେତେବେଳେ ସେ ଦେଶର ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ ଆସୁଛି ବୋଲି ଭାବେ ଅଥବା ଅନ୍ୟ ଦେଶର ଆକ୍ରମଣର ଜବାବ ଦେବାପାଇଁ ପ୍ରସ୍ତୁତ ହୁଏ ସେତେବେଳେ ମଧ୍ୟ ଯୁଦ୍ଧ ହୋଇପାରେ। ସୀମା ବିବାଦକୁ ନେଇ ମଧ୍ୟ ଯୁଦ୍ଧ ହେବାର ଆଶଙ୍କା ଦେଖା ଦେଇଥାଏ।

ଯୁଦ୍ଧରୁ ଆମେ କ'ଣ ବୁଝିବା? ଏହାର କାରଣ ଏବଂ ପ୍ରଭାବର ତର୍ଜମା କରାଯିବା ଆବଶ୍ୟକ। ଯୁଦ୍ଧକୁ ରୋକିବା ପାଇଁ ଉତ୍ତେଜନା ହ୍ରାସ କରିବା, ଦାରିଦ୍ର୍ୟ ଓ ଅସମାନତାକୁ ଦୁର କରିବା, ସମାବେଶୀ ସମାଜର ନିର୍ମାଣ କରିବା ଏବଂ ଶାନ୍ତିପୁର୍ଣ୍ଣ ଭାବେ ସଂଘର୍ଷର ସମାଧାନ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ବର୍ତ୍ତମାନର ଯୁଦ୍ଧ ରୋକିବା ପାଇଁ ମଧ୍ୟସ୍ଥତା ଏବଂ କୁଟନୀତିର ପ୍ରାଧାନ୍ୟ ରହିଛି। ଯୁଦ୍ଧ ରୋକିବା ପାଇଁ ଆନ୍ତର୍ଜାତୀୟ ଆଇନ ମଧ୍ୟ ରହିଛି କିନ୍ତୁ ତାହା ଅନେକ ବିକଶିତ ଦେଶ ଗ୍ରହଣ କରିବାକୁ ନାରାଜ। ଏବେ ବିଶ୍ୱରେ ପ୍ରତିସ୍ପର୍ଦ୍ଧା ଓ ବ୍ୟବସାୟ ପାଇଁ ଲଢେଇ ଅଧିକ ହେବାରେ ଲାଗିଛି। ଋଷ-ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ ହମାସ ସଂଘର୍ଷ, ଇରାନ-ଆମେରିକା ଯୁଦ୍ଧ ଇସ୍ରାଏଲ କାରଣରୁ କେତେ ଯେ ଧନ ଜୀବନ ନଷ୍ଟ ହେଉଛି ତାହା କଳନା କରାଯାଇ ପାରିବ ନାହିଁ ଏହାର ଯୁଦ୍ଧରେ ବ୍ୟବହାର କରାଯାଉଥିବା କ୍ଷେପଣାସ୍ତ୍ର, ବୋମାର ପ୍ରଭାବ ଏବେ ପଡୁଛି ଓ ଆଗାମୀ କିଛି ବର୍ଷ ପର୍ଯ୍ୟନ୍ତ ମଧ୍ୟ ପ୍ରଭାବ ରହିବ। ଏ କଥା ଯେ ଯୁଦ୍ଧରେ ମାତିଥିବା ଦେଶ ମାନେ ଜାଣୁ ନାହାଁନ୍ତି ତାହା ନୁହେଁ। ଯୁଦ୍ଧ କାରଣରୁ ବିଶ୍ୱ ଆତଙ୍କିତ ଏବଂ ବିଶ୍ୱର ଆର୍ଥୀକ ସ୍ଥିତି ଉପରେ ସଙ୍କଟ ମାଡିଆସୁଛି ତଥାପି କେହି ମାନିବାକୁ ନାରାଜ।

# ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ



ଲଳିତ ମୋହନ ମିଶ୍ର
ଅରବିନ୍ଦ ନଗର, ନୟାଗଡ଼,

ପ୍ରତିଟି ଓଡ଼ିଆଙ୍କ ପାଇଁ ଗର୍ବ ଓ ଗୌରବର ଦିନ : ଉତ୍କଳ ଦିବସ। ୧୯୩୬ ମସିହା ଏପ୍ରିଲ ମାସ ୧ ତାରିଖରେ ଓଡ଼ିଶାକୁ ମିଳିଥିଲା ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ମାନ୍ୟତା। ଓଡ଼ିଆ ଜାତିର ଅସ୍ମିତାର ସୁରକ୍ଷା ନେଇ ଏକ ସୁଦୀର୍ଘ ସଂଗ୍ରାମର କାହାଣୀ କୁହେ ଏହି ତାରିଖ। ଓଡ଼ିଆ ଜାତିର ଗର୍ବ ଓ ଗୌରବ ବହନ କରୁଥିବା ଏହି ତାରିଖକୁ ଉତ୍କଳ ଦିବସ ଭାବେ ପାଳନ କରିଆସୁଛି ସାରା ରାଜ୍ୟ। ଏହାରି ଭିତରେ ୯୦ ବର୍ଷ ପୂର୍ଣ୍ଣ ହୋଇଛି।

ଏହି ଦିନ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ଓଡ଼ିଶା ଜନ୍ମ ନେଇଥିଲା। ପୂର୍ବରୁ ଉତ୍କଳ ଖଣ୍ଡ ବିଖଣ୍ଡିତ ହୋଇ ପଡ଼ି ରହିଥିଲା। ପଶ୍ଚିମରେ ସମ୍ବଲପୁର ମଧ୍ୟପ୍ରଦେଶ ସହିତ ମିଶିଥିବାବେଳେ ଉତ୍ତରରେ ବାଲେଶ୍ୱରରେ ବଙ୍ଗଳାର ପ୍ରଭାବ, କେତେକ ଅଞ୍ଚଳ ବିହାରରେ, ଦକ୍ଷିଣରେ ଗଞ୍ଜାମ ମାନ୍ଦ୍ରାସ ପ୍ରେସିଡେନ୍ସି ଅଧୀନରେ ଥିଲା। ଉତ୍କଳ ଗୌରବ ମଧୁସୂଦନ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ରାଧାନାଥ ରାୟ, ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପରି ଓଡ଼ିଶାର ବୀରପୁତ୍ରମାନେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସଂଘର୍ଷ କରିଥିଲେ। ଏହି ବୀରପୁତ୍ରଙ୍କ ଉଦ୍ୟମରେ ୧୯୦୩ରେ ପ୍ରଥମେ ଗଠନ ହେଲା 'ଉତ୍କଳ ସମ୍ମିଳନୀ'। ଅବିଶ୍ରାନ୍ତ ସଂଗ୍ରାମ ପରେ ୧୯୩୬ ମସିହା ଏପ୍ରିଲ୍ ୧ରେ ଗଠନ ହେଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ଓଡ଼ିଶାର କଳା, ସାହିତ୍ୟ, ସଂସ୍କୃତି, ବାଣିଜ୍ୟ ଓ ପର୍ଯ୍ୟଟନ ବେଶ ସ୍ୱତନ୍ତ୍ର। ଆମର ମନ୍ଦିରରେ କଳା, ଭାସ୍କର୍ଯ୍ୟ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛି। ଆମ ଜାତି ଲଢୁଆ ଜାତି। ଆମର ତ୍ୟାଗ, ବଳିଦାନ ଇତିହାସ ବିଦିତ। ଦେଶ ସ୍ୱାଧୀନତାରେ ପାଇକ ସଂଗ୍ରାମର ଭୂମିକା ସର୍ବଦା ଇତିହାସରେ ସ୍ୱର୍ଣ୍ଣିମ ଅକ୍ଷରରେ ଲିପିବଦ୍ଧ ହୋଇ ରହିବ। ଓଡ଼ିଶା ଜାତିର ଅସ୍ମିତାର ସୁରକ୍ଷା ନେଇ ସଂଗ୍ରାମର କାହାଣୀ କୁହେ ଏହି ତାରିଖ।

ଏହି ଦିନକୁ ସ୍ମରଣୀୟ କରିବା ପାଇଁ ଆଜି ରାଜ୍ୟବାସୀ ବେଶ୍ ଧୁମଧାମରେ ପାଳନ କରିବେ ଓଡ଼ିଶା ଦିବସ। ମାତୃଭୂମି ଏବଂ ମାତୃଭାଷାର ଉନ୍ନତି ବିନା ଓଡ଼ିଆ ଜାତିର ଉନ୍ନତି ଅସମ୍ଭବ ବୋଲି ସେ ହୃଦୟଙ୍ଗମ କରି ଉତ୍କଳୀୟ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ ୧୯୦୩ ମସିହାରେ। ତାଙ୍କର ଏକମାତ୍ର ଲକ୍ଷ୍ୟଥିଲା ଉତ୍କଳର ସଂଗଠନ ଏବଂ ଓଡିଆମାନଙ୍କୁ ଏକ ଶାସନାଧୀନ କରିବା। ତେଣୁ ଅକ୍ଟୋବର ୨୫, ୧୯୦୩ରେ ସେ କଟକର କନିକା ରାଜବାଟୀରେ ପ୍ରାରମ୍ଭିକ ଅଧିବେଶନ ଡକାଇଥିଲେ। ଉତ୍କଳ ସମ୍ମିଳନୀ ଗଠନ କରି, ପ୍ରାକୃତିକ ଉତ୍କଳର ଏକତ୍ରୀକରଣ, ଉତ୍କଳର କୃଷି ବାଣିଜ୍ୟ ଓ ଶିଳ୍ପର ଉନ୍ନତି ସାଧନ ଏବଂ ଉତ୍କଳର ଶିକ୍ଷା ଏବଂ ସାହିତ୍ୟର ପ୍ରଚାର ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ।

ମଧୁବାବୁଙ୍କ ପରି ଉତ୍କଳମଣି ଗୋପବନ୍ଧୁଙ୍କର ଜୀବନ ଦର୍ଶନ ଥିଲା ନବ ଓଡିଶା ଗଠନ। ଛିନ୍ନ ବିଛିନ୍ନ ହୋଇ ରହିଥିବା ଓଡିଆ ଅଞ୍ଚଳକୁ ଏକାଠି କରିବା ଉଦ୍ଦେଶ୍ୟରେ ଉତ୍କଳ ସମ୍ମିଳନୀର ସେ ଥିଲେ ଅନ୍ୟତମ କର୍ଣ୍ଣଧାର। ସେ ବିଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ବିକାଶ ପାଇଁ କାର୍ଯ୍ୟ କରିଥିଲେ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପୂର୍ବରୁ ସେ ସିନା ଇହଲୀଳା ସମ୍ବରଣ କଲେ ହେଲେ ସୁପ୍ତପ୍ରାୟ ଓଡ଼ିଆଙ୍କୁ ଜାଗ୍ରତ ଓ କ୍ରିୟାଶୀଳ କରିବା ପାଇଁ ସତ ସିଂହର ବଳ ସୃଷ୍ଟି କରିବା ପାଇଁ ସେ ଲେଖନୀ ଚାଳନା କରି ଜାତୀୟ କବି ହୋଇ ପାରିଥିଲେ। ସେ ଉତ୍କଳ ସମ୍ମିଳନୀର ମହତ୍ ଉଦ୍ଦେଶ୍ୟ ସମ୍ବନ୍ଧରେ ଲେଖିଛନ୍ତି।

"ଏହି ସମ୍ମିଳନୀ ଜାତି ପ୍ରାଣ ସିନ୍ଧୁ
କୋଟି ପ୍ରାଣ ବିନ୍ଦୁ ଧରେ,
ତୋର ପ୍ରାଣ ବିନ୍ଦୁ ମିଶାଇ ଦେ
ଭାଇ ଡେଇଁ ପଡି ସିନ୍ଧୁ ନୀରେ।"

ଓଡିଆ ଜାତିକୁ ଆଗେଇ ନେବାର ସେ ଯେଉଁ ଆଶା ପୋଷଣ କରିଥିଲେ ସେଥିପାଇଁ ସେ ବ୍ୟକ୍ତିଗତ ସ୍ୱାର୍ଥକୁ ଗୌଣ କରି ଜାତିଗତ ସ୍ୱାର୍ଥକୁ ମୁଖ୍ୟସ୍ଥାନ ଦେଇଥିଲେ। ସେଥିପାଇଁ ସେ କହିଛନ୍ତି –

"ଜାତି ପ୍ରେମ ବହ୍ନି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦିଅ ଆହୁତି,
ସ୍ୱାର୍ଥ ମେଧ ଯଜ୍ଞେ ଚାରିଆଡେ
ନାଚ ଛାତିରେ ମିଶାଇ ଛାତି।"

ଉତ୍କଳର କୋଣାର୍କ, ଶ୍ରୀ ଜଗନ୍ନାଥ ଓ ଲିଙ୍ଗରାଜ ମନ୍ଦିରର ଅପୂର୍ବ କାରୁକାର୍ଯ୍ୟକୁ ନେଇ ଗର୍ବ କରୁଥିଲେ ମଧୁବାବୁ। ସେ ଶିଳ୍ପର ପ୍ରସାର ପାଇଁ ଉତ୍କଳ ଟ୍ୟାନେରୀ, ଓଡିଶା ଆର୍ଟ ୱାର୍କସ୍ ଗଠନ କରିଥିଲେ ଯାହା ବିଶ୍ୱ ବଜାରରେ ଚହଳ ସୃଷ୍ଟି କରିଥିଲା। ମଧୁବାବୁଙ୍କ ଆମନ୍ତ୍ରଣ କ୍ରମେ ୧୯-୦୮-୧୯୨୫ରେ ମହାତ୍ମାଗାନ୍ଧୀ ତାଙ୍କ ଓଡିଶା ଗ୍ରସ୍ତ ସମୟରେ ଉତ୍କଳ ଟ୍ୟାନେରୀ ବୁଲି ଦେଖିଥିଲେ। ଓଡିଆମାନେ ଖଟନ୍ତୁ ଆଉ ମଥା ଉପରକୁ କରି ସୁଖରେ ଚଳନ୍ତୁ ଥିଲା ତାଙ୍କର ଉଦ୍ଦେଶ୍ୟ।

ମାତୃଭାଷାର ମର୍ଯ୍ୟାଦା ମାତୃଭୂମି ସହିତ ଓତଃପ୍ରୋତ ଭାବେ ଜଡିତ। ମାତୃଭାଷାର ତାଜାପଣ ସବୁଠୁ ଅଧିକ। ମାତୃଭାଷାର ଜନ୍ମ ନିଜ ଅନ୍ତରର ଶିରା ପ୍ରଶିରାରୁ। ତାହା ଜୀବନ୍ତ ଏବଂ ପ୍ରାଣସ୍ପର୍ଶୀ। ସୁତରାଂ ମାତୃଭାଷାର ଉନ୍ନତି ବିନା ଦେଶର ତଥା ଜାତିର ଉନ୍ନତି ଅସମ୍ଭବ। ଭାଷାବିତ ଡାକ୍ତର ଆଶୁତୋଷ ମୁଖାର୍ଜି ଯଥାର୍ଥରେ କହିଛନ୍ତି "ପ୍ରକୃତ ଜ୍ଞାନ ଲାଭ ବିଦେଶୀ ଭାଷା ଦ୍ୱାରା ହୁଏନାହିଁ। ମାତୃଭାଷା ଅଧ୍ୟୟନ ହିଁ ବଳିଷ୍ଠ ମାଧ୍ୟମ।" ସେଥିପାଇଁ ମଧୁବାବୁ ଆଜୀବନ ଓଡିଶା ଏବଂ ଓଡିଆଙ୍କ ଉନ୍ନତି ବିଷୟରେ ଚିନ୍ତା କରୁଥିଲେ। ମଧୁବାବୁଙ୍କ ଶେଷଜୀବନ ଦୁଃଖମୟ। ଋଣଭାର ଏବଂ ଅର୍ଥାଭାବ ଭିତରେ ସେ କାଳାତିପାତ କରିଥିଲେ। ଉତ୍କଳମାତାର ସମ୍ମାନ ପାଇଁ ମଧୁବାବୁ ନିଜର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତିକୁ ବିକିଦେଇ ସର୍ବସ୍ୱାନ୍ତ ହୋଇଯାଇଥିଲେ। ଆଉ ସେତେବେଳେ ତାଙ୍କୁ ଆର୍ଥିକ ସହାୟତାର ହାତ ବଢାଇଥିଲେ ପ୍ରଖ୍ୟାତ ସମାଜସେବୀ ଓ ଜାତୀୟତାବାଦୀ ଶ୍ରୀଯୁକ୍ତ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଆଧୁନିକ ଓଡିଶାର ଅନ୍ୟତମ ନିର୍ମାତା ବିଜୁ ପଟ୍ଟନାୟକଙ୍କ ପିତା। ତାଙ୍କରି ପ୍ରେରଣାରେ ଉଦବୁଦ୍ଧ ହୋଇ ବିଜୁବାବୁ ଉତ୍କଳର କଳିଙ୍ଗ ନାମରେ ତାଙ୍କର ସବୁ କାର୍ଯ୍ୟ କରୁଥିଲେ।

ପ୍ରଭୁ ଜଗନ୍ନାଥଙ୍କ ଦେଶ ଭାବରେ ବ୍ୟାପକ ଭାବରେ ସ୍ୱୀକୃତିପ୍ରାପ୍ତ, ଓଡ଼ିଶା ଏହାର ସାଂସ୍କୃତିକ ଐତିହ୍ୟ ଓ ଶକ୍ତିଶାଳୀ ସ୍ଥାପତ୍ୟ ପାଇଁ ପ୍ରସିଦ୍ଧ। ପୂର୍ବରୁ ଓଡ଼ିଶା ଭାବରେ ଜଣାଶୁଣା ଏହି ସୁନ୍ଦର ରାଜ୍ୟରେ ଐତିହାସିକ ମୂର୍ତ୍ତି, କଳା ଓ ପର୍ବପର୍ବାଣୀ ଭଳି ରୋମାଞ୍ଚକର ସ୍ଥାନ ରହିଛି। ପାରମ୍ପାରିକ ରାଜ୍ୟ ମଧ୍ୟରୁ ଓଡ଼ିଶା ଏହାର ମହାନ ଐତିହ୍ୟ ଓ ଐତିହାସିକ ଅତୀତ ପାଇଁ ଲୋକପ୍ରିୟ। ଅଧିକନ୍ତୁ, ରଥ ଯାତ୍ରା ସମଗ୍ର ବିଶ୍ୱରେ ଲକ୍ଷ ଲକ୍ଷ ପର୍ଯ୍ୟଟକ ଓ ଭକ୍ତଙ୍କୁ ଆକର୍ଷିତ କରିଥାଏ। ଏକ ଆକର୍ଷଣୀୟ ପର୍ଯ୍ୟଟନ ସ୍ଥାନ ହେବା ବ୍ୟତୀତ ଏହି ରାଜ୍ୟ ଏହାର ଅନନ୍ୟ ଇତିହାସ ପାଇଁ ପ୍ରସିଦ୍ଧ। ଓଡିଶା ଏକ ଶାନ୍ତିପ୍ରିୟ ରାଜ୍ୟ। ପ୍ରତ୍ୟେକ କ୍ଷେତ୍ରରେ ଓଡିଶା ଆଜି ବିଶ୍ୱରେ ପରିଚିତ। ଏହାର ଭାଷା ଓଡିଆ, ଯାହା ସବୁ ଭାଷାଠୁ ବଢ଼ିଆ ଏବଂ ଅତି ପୁରାତନ ଭାଷା ଭାବରେ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଛି। ଅନ୍ୟଭାଷା ଶିଖିବାରେ ବାଧା ନାହିଁ ମାତ୍ର ମାତୃଭାଷାକୁ ହତାଦର କରିବା ଅନ୍ୟାୟ। ଉତ୍କଳ ଦିବସ ପାଳନ ଅବସରରେ ଆମେ ସମସ୍ତେ ଏକାଠି ମିଶି ମାତୃଭୂମି ଓ ମାତୃଭାଷାର ସମ୍ମାନ ରକ୍ଷାପାଇଁ ସଂକଳ୍ପ ନେବା।

"ବନ୍ଦେ ଉତ୍କଳ ଜନନୀ"

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୭୬

## ରାଜକୁମାର ଉତ୍ତରଙ୍କ ଯୁଦ୍ଧଯାତ୍ରା-୨


ନିତ୍ୟାନନ୍ଦ ପଣ୍ଡା



ଦ୍ରୋଣ ବୃହନ୍ନଳାଙ୍କୁ ଦେଖି କ'ଣ ଭାବିଲେ କେଜାଣି, କହିଉଠିଲେ- ଇଏ ଅର୍ଜୁନ କି ! ନାରୀ ବେଶରେ ଆସିଛି ! !

କର୍ଣ୍ଣ କହିଲେ- ଅର୍ଜୁନ କାହିଁକି ହେବ ! ରାଜା ସବୁ ସେନାଙ୍କୁ ନେଇ ସୁଶର୍ମା ସହ ଯୁଦ୍ଧ କରିବାକୁ ଯାଇଛନ୍ତି । ରାଜକୁମାର କାହାକୁ ନପାଇ ନାରୀମାନଙ୍କ ମଧ୍ୟରୁ ଜଣେ ଚାକରାଣୀଙ୍କୁ ସାରଥୀ କରି ଆଣିଛି । ଆଉ ଯଦିବା ଅର୍ଜୁନ ହୋଇଥାଏ, ଅସୁବିଧା କ'ଣ ! ସେ କ'ଣ ଆମ ସହ ଲଢିପାରିବ ?

ରାଜକୁମାର ବିକଳ ହୋଇ ଧାଇଁ ପଳାଉଛି । ବଡ଼ ପାଟିରେ କହୁଛି- ମୁଁ ମୋ ମାଆର ଗୋଟିଏ ପୁଅ । ମା'କୋଳରେ ବଢିଛି । ଏପର୍ଯ୍ୟନ୍ତ ଯୁଦ୍ଧ ଶିଖିନାହିଁ । ମୋତେ ଛାଡ଼ିଦିଅ.... ଛାଡ଼ିଦିଅ....

ବୃହନ୍ନଳାର ରଥ ଅନୁସରଣ ଜାରି ରଖିଥିଲା । ବିକଳ ହୋଇ କାନ୍ଦୁଥିଲେ ରାଜକୁମାର ଓ ଅଣନିଶ୍ୱାସୀ ହୋଇ ଦୌଡୁଥିଲେ । ପରିଶେଷରେ, ବୃହନ୍ନଳା ଧରିପକେଇଲେ ତାଙ୍କୁ ଓ ଜୋର୍‌କରି ରଥ ଉପରକୁ ଟେକିଆଣିଲେ ।

ଆଶ୍ୱାସନା ଦେଇ କହିଲେ- ଭୟ କରନାହିଁ ରାଜକୁମାର ! ତୁମକୁ ଯୁଦ୍ଧ କରିବାକୁ ପଡ଼ିବନାହିଁ । ମୁଁ ଯୁଦ୍ଧ କରିବି । ତୁମେ କେବଳ ଲଗାମ ଧରି ରଥ ଚାଳନା କରିବ ।

ଏତିକି କହି ବୃହନ୍ନଳା ରଥକୁ ନେଇଗଲେ ନିକଟରେ ଥିବା ଶ୍ମଶାନକୁ ଲାଗି ଗୋଟିଏ ଗଛ ତଳକୁ । କହିଲେ- ଗଛ ଉପରକୁ ଚଢିଯାଅ । ଗଛରେ ଅସ୍ତ୍ର ଅଛି, ନେଇଆସ ।

“ଗଛରେ ଡାହାଣୀ ଅଛି, ଶୁଣିଛି ।”- ବରଡ଼ା ପତ୍ରପରି ଥରୁଥିଲେ କୁମାର ।

-ନା, ଡାହାଣୀ ନାହିଁ । ପାଣ୍ଡବମାନଙ୍କର ଅସ୍ତ୍ର ଗଛରେ ଗୋପନ ଭାବେ ରହିଛି ।

ଦ୍ରୋଣ ନିରିଖେଇ ଦେଖୁଥିଲେ ସେ ଦୃଶ୍ୟ । ସେ ଭୀଷ୍ମଙ୍କୁ କହିଲେ- ମୋର ସନ୍ଦେହ ଭୁଲ୍ ନୁହଁ । ନାରୀ ପୋଷାକ ପିନ୍ଧିଥିବା ସେ ମଣିଷଟି ଅର୍ଜୁନ ବ୍ୟତୀତ କେହିନୁହଁ ।

ଦୁର୍ଯ୍ୟୋଧନ ଶୁଣିଲେ ଓ କହିଲେ- ଅର୍ଜୁନ ଅର୍ଜୁନ କାହିଁକି ହେଉଛ ! ଯଦି ଅର୍ଜୁନ ହୋଇଥିବ, ତେବେ ତ ଧରାପଡ଼ିଯିବ । ପାଣ୍ଡବମାନେ ପୁଣି ବାରବର୍ଷ ପାଇଁ ବନବାସକୁ ଚାଲିଯିବେ ।

ଅନ୍ୟପକ୍ଷରେ, ରାଜକୁମାର ଅନ୍ୟବାଟ ନଦେଖି ଗଛକୁ ଚଢିଲେ ଓ କୋରଡ଼ରେ ରଖାଯାଇଥିବା ଥଳିଟିକୁ ଧରି ଓହ୍ଲେଇଲେ । ଥଳି ଖୋଲାହେବା ମାତ୍ରେ ଅସ୍ତ୍ରଶସ୍ତ୍ର ଚିକ୍‌ଚିକ୍ କରିଉଠିଲେ ।

ରାଜକୁମାରଙ୍କ ଆଶ୍ଚର୍ଯ୍ୟର ସୀମାନାହିଁ । ତାଙ୍କର ଅନେକାଂଶରେ ଭୟ କଟିଯାଉଥିଲା ।

କହିଲେ- ବୃହନ୍ନଳା ! ପାଣ୍ଡବମାନେ ରାଜ୍ୟ ଛଡ଼ା ହୋଇ ବନବାସ କରୁଛନ୍ତି । ଏଇ ଅସ୍ତ୍ର ସେମାନଙ୍କର କିପରି ହେଲା ?

ବୃହନ୍ନଳା ମୃଦୁଭାବେ ହସିଲେ ଓ କହିଲେ- ତୁମର ଦରବାରରେ ଯେଉଁ ‘କଙ୍କ’ ଅଛନ୍ତି, ସେ ଯୁଧିଷ୍ଠିର । ଏବଂ ରୋଷେଇଆ ‘ବେଲାଳ’ ହେଉଛି ଭୀମସେନ୍ । ଏବଂ ଧର୍ମଗ୍ରନ୍ଥି ଓ ତାନ୍ତିପାଳ ହେଉଛନ୍ତି ନକୁଳ ଓ ସହଦେବ । ମୁଁ ନିଜେ ଅର୍ଜୁନ । ଆଉ ସୈରିନ୍ଧ୍ରୀ ହେଉଛନ୍ତି ଦ୍ରୌପଦୀ । ବ୍ୟସ୍ତ ହୁଅନାହିଁ । ମୁଁ ଯୁଦ୍ଧ କରିବି ଓ ଭୀଷ୍ମ, ଦ୍ରୋଣ ଥିଲେ ମଧ୍ୟ ମୁଁ ପରାସ୍ତ କରି ତୁମର ଅପହୃତ ଗାଈମାନଙ୍କୁ ଉଦ୍ଧାର କରିବି । ଯୁଦ୍ଧରେ ତୁମେ ଜିତିଚ ବୋଲି ରାଜ୍ୟରେ ତୁମର ସୁନାମ ହେବ । ବୁଝିଲ !

ଅର୍ଜୁନ ! ରାଜକୁମାର ହାତ ଯୋଡ଼ି ଠିଆ ହୋଇ ରହିଲେ ।

“ସେମିତି ଠିଆ ହୁଅନାହିଁ । ରଥ ଉପରେ ବସ ।”- ଅର୍ଜୁନ କୌରବ ସେନା ଆଡ଼କୁ ଆଗେଇଲେ ।

ସେମାନଙ୍କ ପାଖରେ ପହଞ୍ଚି ରଥରୁ ଓହ୍ଲେଇ ପଡ଼ିଲେ । ହାତର ଚୁଡ଼ି ଉତାରି ପକେଇଲେ । ସାଞ୍ଜୁ ପିନ୍ଧିଲେ ଓ ପ୍ରିୟ ଗାଣ୍ଡିବ ଧନୁରେ ତିନିଥର ଟଙ୍କାର ଦେଲେ । ଏବଂ ରଥ ଉପରକୁ ଉଠି ଦେବଦତ୍ତ ଶଙ୍ଖ ଫୁଙ୍କିଲେ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*

# ମୋ ମାଟି ମହାନ୍

***ନୀଳମଣି ଚାନ୍ଦ***



ଆମେ ଥିଲୁ ଉତ୍କଳୀୟ,
ଓଡ଼ିଆ ଯେ ପରିଚୟ ଆମ
ଆମେ ଥିଲୁରେ ପାଇକ
ଯୋଦ୍ଧା ଭାବେ ଥିଲା ଆମ ନାମ
ଆମ କୋଣାରକ
କଳା ଗାଥା କହିଦିଏ
ରଖ ଟିପି ରଖ ।

ନଉବଣିଜ ପାଇଁର
ଦିନେ ଏ ମାଟି ସାଧବପୁଅ
ବୋଇତ ମେଲି ସାଗରେ
ଯାଉଥିଲା ବାଲି, ବୋରନିଅ
ଆମ ପାଟମଠା
ରହୁଥିଲା ନଳଟିରେ
ଆଈ ମେଲେ ଛଟା ।

ଗଙ୍ଗା ଠାରୁ ଗୋଦାବରୀ
ବ୍ୟାପି ଥିଲା ଦିନେ ଯାର ସୀମା
ଭାଷା ଭିତ୍ତିରେ ହୋଇଲା
ସେ ସ୍ୱତନ୍ତ୍ର ପ୍ରଦେଶଟି ସିନା
ପଖାଳଟି ଖାଉ
ଜଗନ୍ନାଥ ଭାଗବତ
ପଢ଼ି ସୁଖ ପାଉ ।

ଏ ମାଟିରେ ଫଳେ ସୁନା
କହୁ ଜୟ ଜୟ ଜଗନ୍ନାଥ
ଅତିଥି ଦେବତା ଆମ
ମିଳାଉରେ ତା ସାଙ୍ଗରେ ହାତ
ଉନ୍ନତ ପ୍ରଦେଶ
ମୋ ମାଟି ମହାନ୍ ପରା
ଦିଏ ଏ ସନ୍ଦେଶ ।

*ମନ୍ତମାନୋର, ଗୋଠପାଟଣା, ଭୁବନେଶ୍ୱର*
*ମୋ-୯୫୮୩୨୦୨୩୫୭*

# ସ୍ୱାଧୀନ ଉତ୍କଳ ଭୂଇଁ...

***ନଗେନ୍ଦ୍ର ନାଥ ପଟ୍ଟନାୟକ***

ସେ ଦିନର ଆଉ ଫିରିଙ୍ଗ ଶାସନ
କଳା ଆଇନ ତ ନାଇଁ
ସ୍ୱାଧୀନ ହୋଇଛି ଆମରି ଭାରତ
ସ୍ୱାଧୀନ ଉତ୍କଳ ଭୂଇଁ ।
ବଙ୍ଗ ବିହାର ଶାସନ ରଜ୍ଜୁରେ
ବାନ୍ଧିହୋଇ ଆମେ ନାହୁଁ
ସ୍ୱତନ୍ତ୍ର ଉତ୍କଳ ମାନ୍ୟତା ପାଇଛୁ
ଶକତ ହୋଇଛି ବାହୁ ।
ଏପ୍ରିଲ ପହିଲା ଉଣେଇଶ ଛତିଶ
ନବ ଉତ୍କଳର ଭୂଇଁ
ଶୁଭ ସକାଳର ନୂତନ ବାରତା
ଦେଲା ଆମ କାନେ କହି ।
ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ନିର୍ମାତା
କୃଷ୍ଣ ଚନ୍ଦ୍ର ମଧୁ ଗୋପ
ଫକିର ମୋହନ ଗଙ୍ଗାଧରଙ୍କର
ରହୁଛି ତହିଁରେ ଛାପ ।
ଆସରେ ସଭିଏଁ ପାଳିବା ଦିବସ
ପୂଜିବା ଉତ୍କଳ ଭୂଇଁ
ଗାଇବା ବନ୍ଦେ ଉତ୍କଳ ଜନନୀ
ଗୀତ ଏକମନ ହୋଇ ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓସ୍କାର ସିଟି, ଲେନ୍‌ନଂ-୯,*
*ପ୍ଲଟ୍‌ନଂ- ୪୫୬*
*ଲକ୍ଷ୍ମୀ ସାଗର କେନାଲ ରୋଡ,*
*ଭୁବନେଶ୍ୱର*
*ମୋ- ୯୪୩୮୩୩୨୧୩୮*



# ଆମ ଓଡ଼ିଶାର ଜନମ ଦିନ

***ପ୍ରଫୁଲ୍ଲ କୁମାର ସାହୁ***

ଏପ୍ରିଲ ମାସର ପହିଲା ଦିନ
ଆମ ଓଡ଼ିଶାର ଜନମ ଦିନ
ଆସରେ ପାଳିବା ମିଶି,
ତା' ଗୁଣ ମହାନ କରି ଜୟଗାନ
ସଭିଏଁ ହୋଇବା ଖୁସି ।୧।

ଆମ ଏ ରାଇଜ ଗଠନ ପାଇଁ
କେତେ ପୂର୍ବସୁରୀ ସମୟ ଦେଇ
ସଭିଙ୍କୁ ଏକାଠି କରି,
କରିଥିଲେ ନୂଆ ରାଇଜ ଗଠନ
(ଏବେ) ସେମାନଙ୍କୁ ହେଉ ଝୁରି ।୨।

ଉତ୍କଳ ଗୌରବ ମଧୁସୂଦନ
ଜାତି ପାଇଁ ତାଙ୍କ ଦାନ ମହାନ
କିଏବା ପାରିବ ଭୁଲି,
ନବ ଓଡ଼ିଶାର ସେ ଥିଲେ ବିନ୍ଧାଣି
ଆଖିରେ ନାଚନ୍ତି ଖାଲି ।୩।

ସେବାର ସାରଥୀ ସେ ଗୋପବନ୍ଧୁ
ଦରିଦ୍ର ଜନର ଥିଲେ ସେ ବନ୍ଧୁ
ଆଜି ସେ ପଡନ୍ତି ମନେ,
ଯାହାଙ୍କର ତ୍ୟାଗ କୀର୍ତ୍ତି ଅମଳିନ
(ଝୁରୁ) ତାହାଙ୍କୁ ଆଜିର ଦିନେ ।୪।

ଭାଷା ପାଇଁ ଗଢା ଆମ ରାଇଜ
ଭାରତ ବର୍ଷର ପ୍ରଥମ ରାଜ୍ୟ
ରଖି ଭାଷା ଜାତି ପ୍ରୀତି,
ନିଜ କାର୍ଯ୍ୟ ବଳେ କେତେ ଜ୍ଞାନୀ ଗୁଣୀ
ରଖି ଯାଇଛନ୍ତି ଖ୍ୟାତି ।୫।

ଆଜିର ଦିନରେ ଭକତିଭରେ
ଶ୍ରଦ୍ଧାଞ୍ଜଳି ଦେବା ତାଙ୍କ ପୟରେ
ରଖିବା ରାଇଜ ଟେକ,
ଭାଷାର ଅସ୍ମିତା ସ୍ୱାଭିମାନ ରକ୍ଷା
(ହେଉ) ଆମ ଜାତିର ପ୍ରତୀକ ।୬।

*ରାଜ୍ୟ ପୁରସ୍କୃତ ପ୍ରାକ୍ତନ ପ୍ରଧାନଶିକ୍ଷକ,*
*ଶକ୍ତି ବିହାର / ବାଲିପଡ଼ା, ମାହାଙ୍ଗା, କଟକ*
*ମୋ- ୭୬୦୯୦୪୪୩୮୩*

# ପବିତ୍ର ଉତ୍କଳ ଭୂଇଁ...

***ରାମଚନ୍ଦ୍ର ବେହେରା***

ସୁଜଳା ସୁଫଳା ଶସ୍ୟ ଶ୍ୟାମଳା ମୋ
ପବିତ୍ର ଉତ୍କଳ ଭୂଇଁ
ପାହାଡ ଝରଣା ବଣ ତୋଟାମାଳ
ହସନ୍ତି ତା'କୋଳେ ରହି ।
ଏପ୍ରିଲ୍ ପହିଲା ତା'ର ଜନ୍ମଦିନ
ପାଳନ୍ତି ସରବେ ମିଶି
ଉତ୍କଳ ଜନନୀ ସଂଗୀତ ଗାଆନ୍ତି
ଆନନ୍ଦରେ ହସି ହସି ।
ପ୍ରିୟ ଗୋପବନ୍ଧୁ ପୁଣି ମଧୁବାବୁ
କୃଷ୍ଣଚନ୍ଦ୍ର ଗଜପତି
ଫକୀର ମୋହନ କବି ଗଂଗାଧର
ରଖିଗଲେ କେତେ କୀର୍ତ୍ତି ।
ତାଙ୍କ ପ୍ରୟାସରେ ଆମ ରାଜ୍ୟ ଆଜି
ସ୍ୱତନ୍ତ୍ର ରାଜ୍ୟରେ ଗଣା
ସେଥିପାଇଁ ସର୍ବେ ପାଳନ୍ତି ତାହାକୁ
ନକରନ୍ତି କିଛି ଊଣା ।
ଭେଦଭାବ ଭୁଲି ତା'ବିକାଶ ପାଇଁ
କରନ୍ତି ସରବେ ପଣ
ରାଜ୍ୟ ଗଠନରେ ଲାଗିଯାନ୍ତି ଶ୍ରମେ
ଖଟାଇ ବିବେକ ଜ୍ଞାନ ।
ତା'ଭାଷା ସାହିତ୍ୟ ତା'କଳା ସ୍ଥାପତ୍ୟ
ବିଶ୍ୱରେ ପାଏ ଆଦର
ତା'ର ବିକାଶରେ ଆମରି ବିକାଶ
ରଖିବା ହୃଦେ ବିଚାର ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ପାଳୁଛୁ ଓଡ଼ିଶା ଜନ୍ମଦିନ

***ଧ୍ରୁବ ଚରଣ ଘିବେଲା***



ମାଟି ଓ ଭାଷାର ସନମାନ ପାଇଁ
କେତେ ଚିନ୍ତା କଲେ ମନରେ
ମାଆ ମାଟି ଭାଷା ପାଇଁ କି ଲଢ଼ିଲେ
ଭଲ ପାଇ ହୃଦୟରେ ।
ଏକାଠି ହୋଇଲେ ସଭାରେ ବସିଲେ
ମା' ମାଟି ସୁରକ୍ଷା ପାଇଁ
ଭାଷା ଆଧାରରେ ଅଲଗା ରାଇଜ
ପୁଣି ଓଡ଼ିଆଙ୍କ ପାଇଁ ।
ମଧୁବାବୁ ଆଉ ଉତ୍କଳର ମଣି
ଗୋପବନ୍ଧୁ ଏକ ହେଲେ
ଉତ୍କଳ ସମ୍ମିଳନୀ ନାଆଁରେ ସୁନ୍ଦର
ଅନୁଷ୍ଠାନଟେ ଗଢ଼ିଲେ ।
ଓଡ଼ିଆମାନଙ୍କ ସ୍ୱତନ୍ତ୍ର ରାଇଜ
ଓଡ଼ିଆ ଭାଷାକୁ ନେଇ
କେତେ କେତେ ସଭା କଲେ ସେଇମାନେ
ବିଭିନ୍ନ ସ୍ଥାନକୁ ଯାଇ ।
ପୂରୁବ ଦିଗରେ ଭାଷାର ସାରଥୀ
ସାଜିଥିଲେ ସେନାପତି
ପଶ୍ଚିମ ପ୍ରାନ୍ତରେ ପାଗ ଭିଡ଼ିଥିଲେ
ଗଙ୍ଗାଧର ସେଇମିତି ।

କେତେ ରାଇଜର ରାଜା ମହାରାଜା
ଉଠାଇଲେ ଭାଷା କଥା
ଭାଷା ଆଧାରରେ ଓଡ଼ିଆଙ୍କ ରାଜ୍ୟ
ଦାବି କରିଥିଲେ ଯଥା ।
ଓଡ଼ିଆମାନଙ୍କ ଓଡ଼ିଶା ରାଇଜ
ଦାବୀ ହୋଇଲା ପୂରଣ
ସତ ହୋଇଥିଲା ଜନମ ବି ନେଲା
ଓଡ଼ିଶା ରାଇଜ ପୁଣ ।

ଦେଖିଥିବା ସ୍ୱପ୍ନ ହୋଇଲା ପୂରଣ
ପାଇକି ସ୍ୱତନ୍ତ୍ର ରାଜ୍ୟ
ଗରବରେ କହୁ ପାଇଅଛୁ ଆମେ
ଭାଷାଭିତ୍ତିକ ରାଇଜ ।
ଉଣେଇଶ ଛତିଶ ଅପ୍ରେଲ ଏକରେ
ଓଡ଼ିଶା ନେଲା ଜନମ
ସେଦିନ ସ୍ମରଣେ ପାଳୁଅଛୁ ଆମେ
ଓଡ଼ିଶାର ଜନ୍ମଦିନ ।

*ବଉଦରାଜ -୭୬୨୦୧୪, ଜି- ବୌଦ୍ଧ*
*ମୋ- ୯୪୩୭୪୭୮୪୬୬*

# ଉତ୍କଳ ଦିବସ

***ଅସୀମା ପ୍ରଧାନ***

ବିଖଣ୍ଡ ବିଚ୍ଛିନ୍ନ ଓଡ଼ିଶା ରାଇଜ
ହୋଇଥିଲା ଯେ ସେ କାଳରେ
ବଙ୍ଗ ବିହାର ତ ମିଶି ରହିଥିଲା
ସ୍ୱତନ୍ତ୍ରତା ନ ଥିଲା ଭାଷାରେ ॥
ବଙ୍ଗଳା ଭାଷାର କଲେ ପ୍ରଚଳନ
ଧରି ଓଡ଼ିଆ ମାରଣ ନୀତି
ଓଡ଼ିଶା ଜନନୀ ରୋଦନ କରଇ
ଦେଖି ଇଂରେଜଙ୍କ ବଙ୍ଗାଳୀ ପ୍ରୀତି ॥
ଓଡ଼ିଆ ଏକଟା ଭାଷା ନୟ ଶୁଣି
ଫାଟିଲା ଛାତି ତ ସଭିଙ୍କର
ସଙ୍କଟ ଜନକ ବୀର ସୁପୁରୁଷ
ସାହସରେ ହେଲେ ଅଗ୍ରସର ॥
ବ୍ୟାସ କର୍ମବୀର ଉତ୍କଳ ଗୌରବ
ଇତ୍ୟାଦି ସବୁ କବି କୋବିଦ
ଓଡ଼ିଆ ଭାଷା ମାରଣ ଯଜ୍ଞକୁ ତ
କରିଲେ ଅତନ୍ଦ୍ର ପ୍ରତିରୋଧ ॥
ବହୁ ଶ୍ରମ ତ୍ୟାଗ ସାଧନା ବଳେ
ହୋଇ ବିଚ୍ଛିନ୍ନାଞ୍ଚଳ ମିଶ୍ରଣ
ଉଣେଇଶ ମସିହା ଛତିସେ ପରା
ସ୍ୱତନ୍ତ୍ର ପ୍ରଦେଶ ହେଲା ଗଠନ ॥
ହୋଇଲା ଓଡ଼ିଆ ଭାଷା ସାହିତ୍ୟର
ଉପଯୁକ୍ତ ନବଜାଗରଣ
ପଦ୍ୟ ଗଦ୍ୟ ସହ ପାଠ୍ୟପୁସ୍ତକ
ସମୟୋପଯୋଗୀ ସୃଷ୍ଟି ମାନ ॥
ଶୁଦ୍ଧ ଲିଖନ ସହ ଶୁଦ୍ଧ ଭାଷଣ
ଏଡାଇବ ମାତୃଭାଷା ସଙ୍କଟ
ଓଡ଼ିଆ ଭାଷାର ବହୁ ବ୍ୟବହାର
ହେଉ ଜୀବନରେ ଦୈନନ୍ଦିନ ॥
ଭାଷା ଯଦି ଆମ ହେବ ବିକଳାଙ୍ଗ
ସ୍ୱତନ୍ତ୍ରତା ଆଉ ନ ପାଇବା
ନିଷ୍ପାପର ଉଦ୍ୟମ ପ୍ରୟାସ ସହ
ବେଳହୁଁ ସାବଧାନ ରହିବା ॥
ଭାଷାର ଉନ୍ନତି ପାଇଁ ଭାଷା ପ୍ରୀତି
ହୋଇଥାଏ ପରା ଲୋଡା
କେତେ କେତେ ସଶ୍ରମ ସଂଘର୍ଷ ବଳେ
ହୋଇଛି ଆମ ରାଇଜ ଗଢା ॥

*ବୀରମହାରାଜପୁର, ସୁବର୍ଣ୍ଣପୁର*

# ଉତ୍କଳ ସନ୍ତାନ

***ପବିତ୍ର କୁମାର ସାହୁ***



ଉଠରେ ଉଠରେ ଉତ୍କଳ ସୁପୁତ୍ର
ଶୋଇବୁ ତୁ କେତେଦିନ ।
ମାଟିରେ ମିଶିବ ତୋ ଘଟ ଯୌବନ
ମାଖିଥା ଯେତେ ଚନ୍ଦନ ।।୧

ସୁବୀର ସୁରେନ୍ଦ୍ର ବକ୍ସି ବିର୍ସାମୁଣ୍ଡା
ନୀଳକଣ୍ଠ ପୁର ବାଜି ।
ପ୍ରିୟ ଗୋପବନ୍ଧୁ ଜୟୀ ରାଜଗୁରୁ
ପ୍ରାଣଦେଲେ ଦେଶଲାଗି ।।୨

ରୁଧିର ନିଗାଡି କାରାଗାରେ ରହି
ପ୍ରଜାକରି ସମ୍ମେଳିତା ।
ଫିରିଙ୍ଗୀ ଶାସନ ହଟାଇ ଦେଶରୁ
ଭେଟିଦେଲେ ସ୍ୱାଧିନତା ।।୩

ମନର କୁତ୍ସିତ ଭାବନା ଯେବେ ତୁ
ହୃଦୟରୁ ଦେବୁ କାଟି ।
ତେବେ ସିନା ଯାଇ ଅସଲ ସ୍ୱାଧୀନ
ହୋଇବ ଏଦେଶ ମାଟି ।।୪

ରାମରାଜ୍ୟ ଆଶା ଛନ୍ଦି ହୋଇଗଲା
ଦେଶଦ୍ରୋହୀ କୂଟଜାଲେ ।
ଉତ୍କଳ ସନ୍ତାନେ ସ୍ୱାର୍ଥପର ହୋଇ
ଦେଶରକ୍ଷା ବିସ୍ମରିଲେ ।।୫

ବଧୂ ନିର୍ଯାତନା ନାରୀ ବଳାତ୍କାର
ଦେଖି କିମ୍ପା ମୌନ ତୁହି ।
ଉତ୍କଳ ମାତାର କରୁଣ ବିଳାପ
କର୍ଣ୍ଣେ କ'ଣ ଭେଦୁନାହିଁ ।।୬

କ୍ରୀତଦାସ ପରି ବଞ୍ଚିବା ଅପେକ୍ଷା
ମରଣ ତୋ ପାଇଁ ଶ୍ରେୟ ।
ସାଧୁତ୍ୱ ଦେବତ୍ୱ ସୁଗୁଣ ଅନ୍ତରେ
ହେଲାକି ଚିର ବିଲୟ ।।୭

କେତେ ଦିନ ଆଉ ଅନ୍ୟାୟ ଦେଖିବୁ
ଛାତିକି ପାଷାଣ କରି ।
ବେଳ ଥାଉ ଥାଉ ଦୁର୍ନୀତି ନାଶରେ
ଧର୍ମନାବେ ମଙ୍ଗଧରି ।।୮

*ସଂସ୍କୃତ ଶିକ୍ଷକ, ଅତାସାହି,*
*ଆନନ୍ଦପୁର, କେନ୍ଦୁଝର*
*ମୋ-୯୭୭୭୫୬୦୯୨୧*

# ମଧୁବାବୁ ପରି ଯୋଦ୍ଧା ହେବି ମୁଁ

***ସୁଜିତ କୁମାର ମିଶ୍ର***



କାଳିଆ ଘୋଡାରେ ଚଢିବି ମୁହିଁ
ମଧୁବାବୁ ପରି ହୋଇ,
ଦେଶ ଜନନୀର ସେବା କରିବି
ଦୁଃଖେସୁଖେ ତାର ରହି ।

ରଖିବି ଟାଣ ମୁଁ ସାରା ଜଗତେ
କହି ମୁଁ ଓଡ଼ିଆ ବୋଲି,
ପ୍ରେମ ବାଣ୍ଟୁଥିବି ସବୁରି ହୃଦେ
ଭାଇଚାରା ରଙ୍ଗ ବୋଳି ।

ଭାଷାର ସୁରକ୍ଷା କରିବି ସଦା
ଓଡ଼ିଆରେ ଲେଖି ପଢି,
ବିଦେଶୀ ଭାବକୁ ଏକତା ବଳେ
ଦେବି ମୁହିଁ ଏଠୁ ତଡି ।

ସତ୍ୟ ନ୍ୟାୟ ପଥେ ଚାଲିବି ନିଜେ
ହୋଇବି ଆଲୋକ ଜ୍ୟୋତି,
ମଧୁବାବୁ ପରି ଯୋଦ୍ଧା ହେବି ମୁଁ
ରଖିବି ଯଶ କୀରତି ।

ହେବାକୁ ଦେବିନି ମାଟିକୁ ମୋର
କେବେହେଲେ ବିଭାଜନ,
ଡାକରା ଦେବି ମୁଁ ଏକାଠି ହୁଅ
ଚମକିବ ଜାତି ମାନ ।

ମଧୁବାବୁ ଆମ ମାଟି ଗୌରବ
ତାଙ୍କ ପରି କାହିଁ ଆଉ,
ତାଙ୍କରି ପଥକୁ ଅନୁସରି ମୁଁ
ଢାଳୁଥିବି ଲୁହଲହୁ ।

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ଯାଇଥିଲି ଦୋଳ ମେଲଣ ଦେଖି

***ସୁରମା ମିଶ୍ର***





ଯାଇଥିଲି ଦୋଳ ମେଲଣ ଦେଖି ମୁଁ
ବାପାଙ୍କୁ ସାଙ୍ଗରେ ନେଇ
ଭଳି ଭଳି କେତେ ଖେଳନା କିଣିଲି
ମୋ ଛୋଟ ଭଉଣୀ ପାଇଁ ॥

ଦେଖିଲି ମୁଁ ଛୋଟ ପିଲାଟିଏ ବସି
କାନ୍ଦୁଛି କୋହ ଉଠେଇ
ଦଉଡ଼ି ଆସିଣ ମାଆଟି ତାହାର
ଗେଲ କଲା କୋଳେ ନେଇ ॥

କହିଲି ମାଉସୀ କାହିଁକି କାନ୍ଦୁଛି
ଏତେ ବିକଳ ସେ ହୋଇ
କି କହିବି ବାବୁ ଦୁଃଖର କାହାଣୀ
କହିବାକୁ ଭାଷା ନାହିଁ ॥

କାଲିଠାରୁ କିଛି ଖାଇନାହିଁ ସିଏ
କିଛି ମୁଁ ଦେଇପାରୁନି
ମାଗି ଯାଚି ଯାହା ଆଣିଥିଲି ଯାଇ
ସେତକ ସରି ଗଲାଣି ॥

କାହାକୁ ମାଗିବି କେତେ ବା ମାଗିବି
କିଏ ଦେବ ସବୁ ଦିନ
ଛୋଟ ପିଲାଟାକୁ ଏକା ଛାଡ଼ି ଦେଇ
କରି ପାରୁନି ମୁଁ କାମ ॥

ଏହି ସମୟରେ ବାପା ପହଞ୍ଚିଲେ
ଆମ କଥାବାର୍ତ୍ତା ଶୁଣିଲେ
ପିଲା ପାଇଁ ଆଉ ଚିନ୍ତା କର ନାହିଁ
ଆସ ମୋ ସାଙ୍ଗରେ କହିଲେ ॥

ଆମ ଘର ପାଖେ ଆଶ୍ରମଟେ ଅଛି
ତୁମ ପିଲା ସେଠି ପଢ଼ିବ
ତୁମେ ଆମ ଘରେ କାମ କରି କିଛି
ପଇସା ସଞ୍ଚୟ କରିବ ॥

ବାପାଙ୍କର କଥା ଶୁଣି ମାଆ ତାର
ଗୋଡ ତଳେ ଯାଇ ପଡ଼ିଲା
ମଣିଷ ନୁହଁନ୍ତି ଦେବତା ଆପଣ
ବୋଲି ବାପାଙ୍କୁ ସେ କହିଲା ॥

ପୁଅକୁ କହିଲା ବାବୁଙ୍କର ପାଦ
ଛୁଇଁ କରରେ ପ୍ରଣାମ
ଆଜିଠାରୁ ତୋର ଦୁଃଖ ସରିଯିବ
ଆସିବ ସୁଖର ଦିନ ॥

ସବୁ ଧନୀ ଲୋକ ଗରିବଙ୍କ ପାଇଁ
ଏମିତି ବିଚାର କଲେ
କେତେ ଯେ ଗରିବ ଅସହାୟ ପିଲା
ସୁଖରେ ଜିଅନ୍ତେ ଭଲେ ॥

*ବିଏଲ୍ ୩୯, ଭିଏସ୍‌ଏସ୍ ନଗର*
*ମୋ-୯୮୫୩୩୪୩୯୬୫*

# ପେନ୍ଥି ପେନ୍ଥି ବଉଳରେ ଆମ୍ବକଷି ହେଲାଣି

***ଡକ୍ଟର ଲକ୍ଷ୍ମୀକାନ୍ତ ଖୁଣ୍ଟିଆ***





କୋଇଲିର କୁହୁତାନ ମନ ଟାଣି ନେଲାଣି
ଧରଣୀରେ କିଏ ଆସି ଚୁପିଚୁପି କହିଲା
ଦକ୍ଷିଣା ପବନ ଧୀରେ କେମିତିକା ବହିଲା
ସେମିତିକା କୁହୁଡ଼ିର ଆଉ ନାହିଁ ବଡେଇ
ଧରଣୀରୁ ଖରାତେଜ ନେଲା ତାକୁ ଉଡ଼େଇ
ବିମାନରେ ଦିଅଁ ବସି ଗଲେ ଭୋଗ ଖାଇରେ
ବାଜୁଅଛି ଖୋଳତାଳ ତା ତା ଥେଇ ଥେଇରେ
ବନମାଳୀ ଆସୁଅଛି ହାତେ ଧରି ଅବିର
ଋତୁରାଜ ଅତି ପ୍ରିୟ ଏଇ ଆମ କବିର
ମୁନାମୁନୀ ବାହାରିଲେ ଦେଖିଯିବେ ମେଳଣ
କେତେ ଦିଅଁ ଆସିଛନ୍ତି ହୁଏ ଦୋଳମେଳଣ
ବେଙ୍ଗବାଜା ପେଁ କାଳୀ କିଣି ଦେବେ ଭାଇଟି
ବଜାଇବ ମୁନୀ ହସି କେତେ ଖୁସି ହୋଇଟି
ଫୁଲଙ୍କ ପସରା ପରା ଏଇ ଦୁଇ ମାସରେ
ହସିଖେଳି ଚାଲିଯିବା ଆସ ଭାଇ ଆସରେ ।

*କ୍ୱାର୍ଟର ନମ୍ବର ଆଇ ଭି ୫୦/୧, ୟୁନିଟ -୩,*
*ଖାରବେଳନଗର, ଭୁବନେଶ୍ୱର-୭୫୧୦୦୧*
*ଭ୍ରାମ୍ୟଭାଷ-୬୩୭୨୯୧୫୪୧୮*

# କୁନି ପୁଅ ଘର ମୋତି

***କୀର୍ତ୍ତନ ସାହୁ***

ରାଗ ନାହିଁ ଜମା କୁନି ପୁଅଟିକୁ
ଦିଅ ନାହିଁ କେବେ ଗାଳି
ତାହା ପାଇଁ ଯେତେ ରାଗ ଅଭିମାନ
ସବୁତକ ଦିଅ ଜାଳି ।
ରାଗି ଗଲେ କୁନି ପୁଅଟି ଆଖିରୁ
ଝରି ଯିବ ଖାଲି ଲୁହ
ଆଦରରେ ତାକୁ କୋଳେଇ ନେଇକି
ଗେହ୍ଲା କରି କଥା କୁହ ।
ସିଏ ହସି ଦେଉ ହସରୁ ତାହାର
ମୁକୁତା ପଡୁରେ ଝରି
ଏଇ ଦୁନିଆରେ ଯାହା ସଙ୍ଗେ ମିଶ
କିଏ ସେ ନୁହେଁ ତା ସରି ।
ଦେହରେ ତାହାର ବହି ଯାଉଅଛି
ପବିତ୍ର ଗଙ୍ଗାର ଝର
ତା ପାଖରେ ଦେଖ ସଭିଏଁ ସମାନ
କେ ନୁହେଁ ଆପଣା ପର ।
ମିଠା ମିଠା କଥା କହି ତା ମନରେ
ଖୁସି ଭାବ ସଦା ଆଣ
ସିଏ ଖୁସି ଥିଲେ କେତେ ଖୁସି ଦେବ
ଏ କଥା ତୁମେ ତ ଜାଣ ।
ରାଗ ନାହିଁ ଜମା କୁନି ପୁଅଟିକୁ
ସିଏ ଆମ ଘର ମୋତି
ତା ପାଇଁ ତ ଏଇ ଘର ପୂରି ଉଠେ
ଆମ ଘର ମଣି ଜ୍ୟୋତି ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

# ଶ୍ରେୟସଙ୍କ ଉପରେ ମୋଟା ଅଙ୍କର ଜରିମାନା ଲଗାଇଲା ବିସିସିଆଇ



**ନୂଆଦିଲ୍ଲୀ**

ପଞ୍ଜାବ କିଙ୍ଗସ୍ ଏବଂ ଗୁଜରାଟ ଟାଇଟାନ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ରୋମାଞ୍ଚକର ଥିଲା। ଶେଷ ଓଭରରେ ପଞ୍ଜାବ ଗୁଜରାଟକୁ ପରାସ୍ତ କରିଥିଲା। ଶ୍ରେୟସ ଆୟର ଚମତ୍କାର ଭାବରେ ଦଳର ଅଧିନାୟକତ୍ୱ କରିଥିଲେ। ସେ ବ୍ୟାଟ୍ ସହିତ ବଡ଼ ସ୍କୋର କରିପାରି ନଥିଲେ, ୧୧ ବଲରେ ୧୮ ରନ୍ କରିଥିଲେ, ସେଥିମଧ୍ୟରେ ଦୁଇଟି ଛକା ସାମିଲ ଥିଲା। ମ୍ୟାଚ୍ ପରେ, ଆୟରଙ୍କୁ ବିସିସିଆଇ ପକ୍ଷରୁ ଏକ ବଡ଼ ଝଟକା ଲାଗିଛି। ଆଇପିଏଲ୍ କମିଟି ତାଙ୍କ ଉପରେ ମୋଟା ଟଙ୍କାର ଜରିମାନା ଲଗାଇଛି।

ଶ୍ରେୟସ ଆୟରଙ୍କ ଭୁଲ ଥିଲା ସମସ୍ତ ୨୦ ଓଭର ସମୟ ମଧ୍ୟରେ ପୂରଣ ନକରିବା। ସେ ନିର୍ଦ୍ଧାରିତ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ୨୦ ଓଭର ପୂରଣ କରିବାରେ ବିଫଳ ହୋଇଥିଲେ। ଫଳସ୍ୱରୂପ, ଆୟରଙ୍କୁ ସ୍ଲୋ ଓଭର ରେଟ୍ ପାଇଁ ଜରିମାନା କରାଯାଇଛି। ଏହା ଆଇପିଏଲ ନିୟମ ଅନୁଯାୟୀ ଶ୍ରେୟସ ଆୟରଙ୍କ ପ୍ରଥମ ଅପରାଧ ଥିଲା। ତାଙ୍କୁ ୧୨ ଲକ୍ଷର ଫାଇନ ଗଣିବାକୁ ପଡ଼ିବ। ଶ୍ରେୟସ ଆଇପିଏଲର ୧୯ତମ ସିଜିନରେ ଏହି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇଥିବା ପ୍ରଥମ ଅଧିନାୟକ ହୋଇଛନ୍ତି। ଯଦି ଶ୍ରେୟସ ଆୟର ଏହି ସିଜିନରେ ଏହି ଭୁଲ ପୁନରାବୃତ୍ତି କରନ୍ତି, ତେବେ ତାଙ୍କୁ ୨.୪ ମିଲିୟନ ଜରିମାନା କରାଯିବ। ଅନ୍ୟ ଛଅ ଜଣ ଖେଳାଳିଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବ। ବାକି ଖେଳାଳିଙ୍କୁ ୬ ମିଲିୟନ (ସେମାନଙ୍କ ମ୍ୟାଚ୍ ଫି ର ୨୫ ପ୍ରତିଶତ) ଜରିମାନା କରାଯିବ। ଯଦି ଶ୍ରେୟସ ଆୟର ତୃତୀୟ ଥର ପାଇଁ ସମ୍ପୂର୍ଣ୍ଣ ୨୦ ଓଭର ବୋଲିଂ କରିବାରେ ବିଫଳ ହୁଅନ୍ତି, ତେବେ ତାଙ୍କୁ ଗୋଟିଏ ମ୍ୟାଚ୍ ପାଇଁ ବାସନ୍ଦ କରାଯିବ। ଏହା ସିଜିନରେ ତାଙ୍କ ଦଳର ପ୍ରଥମ ଅପରାଧ ଥିଲା, ଯାହା ସର୍ବନିମ୍ନ ଓଭର-ରେଟ୍ ସମ୍ବନ୍ଧୀୟ ଆଇପିଏଲ ଆଚରଣ ସଂହିତାର ଧାରା ୨.୨୨ ଅଧୀନରେ ଆସେ।

# ଲକ୍ଷ୍ନୌକୁ ୬ ୱିକେଟରେ ହରାଇଲା ଦିଲ୍ଲୀ

**ଲକ୍ଷ୍ନୌ**

ଆଇପିଏଲ୍ ୨୦୨୬ର ପଞ୍ଚମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ୬ ୱିକେଟରେ ପରାସ୍ତ କରିଛି। ସମୀର ରିଜଭି ଏବଂ ଟ୍ରିଷ୍ଟନ ଷ୍ଟବ୍ସ ଦଳକୁ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି ଯୋଡ଼ି ପଞ୍ଚମ ୱିକେଟ ସୁଦ୍ଧା ୭୬ ବଲରେ ୧୧୯ ରନର ଅପରାଜିତ ଭାଗୀଦାରୀ କରିଥିଲେ। ଦଳ ପାଇଁ, ସମୀର ରିଜଭି ୪୭ ବଲରେ ୫ ଚୌକା ଏବଂ ୪ ଛକା ସହାୟତାରେ ୭୦ ରନ ସଂଗ୍ରହ କରି ଚମତ୍କାର ଇନିଂସ ଖେଳିଥିଲେ। ସେପଟେ ଲକ୍ଷ୍ନୌ ପକ୍ଷରୁ ବୋଲିଂରେ ପ୍ରିନ୍ସ ଯାଦବ ସବୁଠାରୁ ସଫଳ ବୋଲର ଭାବେ ୨ଟି ୱିକେଟ ନେଇଥିଲେ।



ଏହି ମ୍ୟାଚ୍‌ରେ ଦିଲ୍ଲୀ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଲକ୍ଷ୍ନୌ ଦଳ ୧୮.୪ ଓଭରରେ ୧୪୧ ରନ୍ କରି ଅଲଆଉଟ୍ ହୋଇଯାଇଥିଲା। ଦଳ ପକ୍ଷରୁ ଅବଦୁଲ ସମାଦ ୨୫ ବଲରେ ୩୬ ରନ୍ କରି ଶ୍ରେଷ୍ଠ ଇନିଂସ ଖେଳିଥିଲେ। ଏହି ସମୟରେ, ଦିଲ୍ଲୀ ପକ୍ଷରୁ ଲୁଙ୍ଗି ଏନଗିଡି ଏବଂ ଟି. ନଟରାଜନ ସର୍ବାଧିକ ୩ଟି ଲେଖାଏଁ ୱିକେଟ୍ ହାସଲ କରିଥିଲେ।

ଆରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲା ଦିଲ୍ଲୀ। ଟାର୍ଗେଟ ପିଛା କରିବା ସମୟରେ, ଦିଲ୍ଲୀ ଦଳ ପ୍ରାରମ୍ଭରୁ ସଂଘର୍ଷ କରୁଥିବା ଦେଖିବାକୁ ମିଳିଥିଲା। ପାୱାରପ୍ଲେ ସମୟରେ, ଦଳ ୪ ୱିକେଟ୍ ହରାଇ ମାତ୍ର ୩୩ ରନ୍ କରିପାରିଥିଲା। ଏହି ପର୍ଯ୍ୟାୟରେ, ଦଳରୁ କେଏଲ ରାହୁଲ (୦), ନୀତିଶ ରାଣା (୧୫), ପଥୁମ ନିଶଙ୍କା (୧) ଏବଂ ଅକ୍ଷର ପଟେଲ (୦)ରେ ଆଉଟ ହୋଇଥିଲେ। ଦଳ ପାଇଁ ବିଜୟ ଅତ୍ୟନ୍ତ ଅସମ୍ଭବ ମନେ ହେଉଥିଲା। ପ୍ରାରମ୍ଭିକ ଚାରି ୱିକେଟ୍ ପତନ ପରେ, ସମୀର ରିଜଭି ଏବଂ ଟ୍ରିଷ୍ଟନ ଷ୍ଟବ୍ସ ପଞ୍ଚମ ୱିକେଟ୍ ସୁଦ୍ଧା ଏକ ଗୁରୁତ୍ୱପୂର୍ଣ୍ଣ ଭାଗୀଦାରୀ ଗଠନ କରିଥିଲେ। ଏହି ଯୋଡ଼ି ଦକ୍ଷତାର ସହିତ ଇନିଂସକୁ ସ୍ଥିର କରିଥିଲେ। ଇନିଂସ୍ ଆଗକୁ ବଢ଼ିବା ସହିତ ଉଭୟ ଖେଳାଳି ସେମାନଙ୍କର ସ୍କୋରିଂ ହାରକୁ ତ୍ୱରାନ୍ୱିତ କରିଥିଲେ ଏବଂ ଦଳକୁ ବିଜୟ ଭେଟିଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ଆଇସିସି ମାନ୍ୟତା : ଶୀର୍ଷରେ ଅଭିଷେକ

**ନୂଆଦିଲ୍ଲୀ**

ଟ୍ୱେଣ୍ଟି–୨୦ ବିଶ୍ୱକପ୍‌ରେ ସୀମିତ ସଫଳତା ସତ୍ତ୍ୱେ ଭାରତର ବିସ୍ଫୋରକ ବ୍ୟାଟର ଅଭିଷେକ ଶର୍ମା ଆଇସିସି ମାନ୍ୟତାରେ ନିଜର ଶୀର୍ଷସ୍ଥାନ ବଜାୟ ରଖିଛନ୍ତି। ସେ ମୋଟ ୮୭୫ ପଏଣ୍ଟ ସହ ନଂ ୧ ସ୍ଥାନରେ ରହିଛନ୍ତି। ତାଙ୍କର ସାଥୀ ଖେଳାଳି ଇଶାନ କିଶନ ୮୭୧ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଟ୍ୱେଣ୍ଟି–୨୦ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ପାକିସ୍ତାନର ଶାହିବଜାଦା ଫରହାନ ୮୪୮ ପଏଣ୍ଟ ସହ ତୃତୀୟ ସ୍ଥାନରେ ଓ ଚତୁର୍ଥରେ ଇଂଲଣ୍ଡର ଫିଲ୍ ସଲ୍ଟ ରହିଛନ୍ତି। ତାଲିକାର ୬ଷ୍ଠ ସ୍ଥାନରେ ତିଳକ ବର୍ମା ଓ ୭ମରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଅଛନ୍ତି। ତାଲିକାର ପ୍ରଥମ ୧୦ଜଣଙ୍କ ମଧ୍ୟରେ ଭାରତୀୟ ଦଳର ଚାରିଜଣ ବ୍ୟାଟର ଅଛନ୍ତି। ଟ୍ୱେଣ୍ଟି–୨୦ ବୋଲିଂ ମାନ୍ୟତାରେ ଆଫଗାନିସ୍ତାନର ରସିଦ ଖାଁ ପ୍ରଥମ ଓ ଭାରତର ବରୁଣ ଚକ୍ରବର୍ତ୍ତୀ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଦିନିକିଆ ମାନ୍ୟତାରେ ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ୍ ଓ ଟେଷ୍ଟ ମାନ୍ୟତାରେ ଇଂଲଣ୍ଡ ଜୋ ରୁଟ୍ ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଦିନିକିଆ ମାନ୍ୟତାରେ ଭାରତର ବିରାଟ କୋହଲି ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନ୍ୟପକ୍ଷରେ ଭାରତୀୟ ଦଳ ଉଭୟ ଟ୍ୱେଣ୍ଟି–୨୦ ଓ ଦିନିକିଆ ମାନ୍ୟତାରେ ଶୀର୍ଷ ସ୍ଥାନରେ ରହିଛି। ତେବେ ଟେଷ୍ଟ ମାନ୍ୟତାରେ ଅଷ୍ଟ୍ରେଲିଆ ପ୍ରଥମ ସ୍ଥାନରେ ଥିବାବେଳେ ଭାରତ ଚତୁର୍ଥ ସ୍ଥାନରେ ରହିଛି।

# ଜୁଲାଇରେ ଭାରତର ଜିମ୍ବାୱେ ଗସ୍ତ

**ମୁମ୍ବାଇ**

ବିସିସିଆଇ ପକ୍ଷରୁ ବୁଧବାର ଭାରତୀୟ ଦଳର ଜିମ୍ବାୱେ ଗସ୍ତ ସମ୍ପର୍କରେ ଘୋଷଣା କରାଯାଇଛି। ଭାରତ ଆସନ୍ତା ଜୁଲାଇ ମାସରେ ଜିମ୍ବାୱେ ଗସ୍ତ କରି ତିନିଟି ଟ୍ୱେଣ୍ଟି–୨୦ ମ୍ୟାଚ୍ ଖେଳିବ। ଏସବୁ ମ୍ୟାଚ୍ ଜୁଲାଇ ୨୩, ୨୫ ଓ ୨୬ରେ ହାରାରେ ସ୍ପୋର୍ଟସ କ୍ଲବଠାରେ ଖେଳାଯିବ। ଭାରତର ଗୁରୁତ୍ୱପୂର୍ଣ୍ଣ ଇଂଲଣ୍ଡ ଗସ୍ତ ପରେ ପରେ ଏହି ଗସ୍ତ ହେବ। ଏହା ପୂର୍ବରୁ ଭାରତ ୨୦୨୪ରେ ଜିମ୍ବାୱେ ଗସ୍ତ କରି ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି–୨୦ ଶୃଙ୍ଖଳା ଖେଳିଥିଲା। ଏହି ଶୃଙ୍ଖଳାରେ ଭାରତ ୪–୧ରେ ବିଜୟୀ



ହୋଇଥିଲା। ଅନ୍ୟପକ୍ଷରେ ଆସନ୍ତା ଜାନୁଆରୀ ମାସରେ ଜିମ୍ବାୱେ ଦଳ ଭାରତ ଗସ୍ତ କରି ତିନିଟି ଦିନିକିଆ ଖେଳିବ। ଏସବୁ ଦିନିକିଆ ଜାନୁଆରି ୩, ୬ ଓ ୯ରେ ଯଥାକ୍ରମେ କୋଲକାତା, ହାଇଦ୍ରାବାଦ ଓ ମୁମ୍ବାଇରେ ଖେଳାଯିବ। ଆସନ୍ତା ବର୍ଷ ଦିନିକିଆ ବିଶ୍ୱକପ୍ ହେବାକୁ ଥିବାରୁ ଭାରତର ପ୍ରସ୍ତୁତି ସମୀକ୍ଷା ଲାଗି ଏହି ଶୃଙ୍ଖଳା ବେଶ୍ ସହାୟକ ହେବ ବୋଲି ମନେକରାଯାଉଛି।

# କ୍ରିକେଟ୍ ଅଷ୍ଟ୍ରେଲିଆ ଚୁକ୍ତିରୁ ବାଦ୍ ପଡ଼ିଲେ ମ୍ୟାକ୍ସୱେଲ୍

**ସିଡ୍‌ନୀ**

କ୍ରିକେଟ୍ ଅଷ୍ଟ୍ରେଲିଆର ବାର୍ଷିକ ଚୁକ୍ତିରୁ ଭେଟେରାନ୍ ଅଲ୍‌ରାଉଣ୍ଡର ଗ୍ଲେନ୍ ମ୍ୟାକ୍ସୱେଲ୍ ଓ ଶୀର୍ଷକ୍ରମ ବ୍ୟାଟର ସାମ୍ କୋଣ୍ଟାସ୍‌ଙ୍କୁ ବାଦ୍ ପଡ଼ିଛନ୍ତି। ହେଲେ ଆସେସ୍‌ରେ ଟେଷ୍ଟ୍ ପଦାର୍ପଣ କରିଥିବା ଯୁବ ଦ୍ରୁତ ବୋଲର ବ୍ରେଣ୍ଡନ ଡଗେଟ୍‌ଙ୍କୁ କିନ୍ତୁ ଏହି ବାର୍ଷିକ ଚୁକ୍ତିରେ ସାମିଲ ହୋଇଛନ୍ତି। ଆଗାମୀ ଋତୁରେ ଟେଷ୍ଟ୍ ଶୃଙ୍ଖଳାକୁ ନଜରରେ ରଖି ଖେଳାଳିମାନଙ୍କୁ ଚୁକ୍ତିଭୁକ୍ତ କରିଛି କ୍ରିକେଟ୍ ଅଷ୍ଟ୍ରେଲିଆ। ଗତ ବର୍ଷ ମ୍ୟାକ୍ସୱେଲ୍ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ନେବାର ନିଷ୍ପତ୍ତି ନେଇଥିଲେ। ଏଥିସହ ୩୭ ବର୍ଷ ବୟସରେ ଟେଷ୍ଟ ଖେଳିବା ତାଙ୍କ ପାଇଁ ସମ୍ଭାବନା କମ୍ ଥିବାରୁ କ୍ରିକେଟ୍ ଅଷ୍ଟ୍ରେଲିଆ ଚୁକ୍ତିରେ ସାମିଲ କରିନଥିବା ସୂଚନା ମିଳୁଛି। ଖରାପ ଫର୍ମ ଯୋଗୁଁ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ସଂଘର୍ଷ କରୁଥିବାରୁ କୋଣ୍ଟାସ୍‌ଙ୍କୁ ମଧ୍ୟ ଏଥିରୁ ବାଦ୍ ଦିଆଯାଇଛି। ତାଙ୍କ ସ୍ଥାନରେ ଇଂଲଣ୍ଡ ବିପକ୍ଷ ଆସେସ୍ ଦଳରେ ସ୍ଥାନ ପାଇଥିବା ଓପନର ଜାକ୍ ୱିଦରାଲ୍ଡ ଚୁକ୍ତିଭୁକ୍ତ ହୋଇଛନ୍ତି। ସେ ଏହି ଶୃଙ୍ଖଳାରେ ଭଲ କରି ନଥିଲେ ମଧ୍ୟ ଚୁକ୍ତିରେ ନିଜ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷରେ ଡଗେଟ୍ ୨ ମ୍ୟାଚ୍ ଖେଳି ୭ ୱିକେଟ୍ ନେଇ ଏହି ଚୁକ୍ତି ଦୌଡ଼ରେ ସାମିଲ ହୋଇଥିଲେ।



# ୧୧ କ୍ୱିଣ୍ଟାଲ ଗଞ୍ଜେଇ, ୨୪୦ ବୋତଲ କଫ ସିରପ ଜବତ : ୯ ଗିରଫ

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ପୁଲିସ୍ ପକ୍ଷରୁ ଚାଲିଥିବା ‘ନସା ମୁକ୍ତ ଓଡ଼ିଶା’ ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ପୁଲିସ୍ ବେଆଇନ ନିଶାଦ୍ରବ୍ୟ ଚାଲାଣକାରୀଙ୍କ ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଜାରି ରଖିଛି। ଜିଲ୍ଲାର ବିଭିନ୍ନ ସ୍ଥାନରୁ ଭୋରରୁ ବିପୁଳ ପରିମାଣରେ ୧୦ କ୍ୱିଣ୍ଟାଲ ୯୧ କେଜି ଗଞ୍ଜେଇ, ୨୪୦ ବୋତଲ କଫ ସିରପ, ୧ ଗୋଟି ଟ୍ରକ୍, ୧ ଗୋଟି ଚାରି ଚକିଆ ଗାଡ଼ି, ୨ ଗୋଟି ବାଇକ୍ ସହ ୯ ଜଣକୁ ଗିରଫ କରିଛି ସୋନପୁର ପୁଲିସ୍। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ନାରାୟଣ ନାୟକ। ବେପାରୀମାନଙ୍କ ଦ୍ୱାରା ଗଞ୍ଜେଇ ପରିବହନ ସମ୍ପର୍କରେ ବିଶେଷ ସୂଚନା ପାଇ ମଙ୍ଗଳବାର ରାତିରେ ତତ୍ପର ହୋଇ ଉଠିଥିଲା ସୋନପୁର ପୁଲିସ୍। ଏସ୍‌ପି ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ଥାନା ଅଞ୍ଚଳରେ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଚେକିଂକୁ କଡ଼ାକଡ଼ି କରାଯାଇଥିବା ବେଳେ ସୋନପୁର ସଦର ଥାନା ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ସୋନପୁର ରାସ୍ତାରେ କଡ଼ା ନଜର ରଖାଯାଇଥିଲା। ସକାଳ ଭୋର୍ ସମୟରେ ସୋନପୁର ପୋଲିସ ବୌଦ୍ଧ ଜିଲ୍ଲାରୁ ଆସୁଥିବା ଏକ ଗଞ୍ଜେଇ ବୋଝେଇ ଟ୍ରକ୍‌କୁ ସନ୍ଦେହ କରି ସ୍ଥାନୀୟ ସୋନପୁର-ସମ୍ବଲପୁର ରାସ୍ତାର ବୁଢ଼ାରଜା ଛକ ଠାରେ ଅଟକାଇଥିଲେ। ୧୪ ଚକିଆ ଗାଡ଼ିର ଡ୍ରାଇଭର ଏବଂ ଅନ୍ୟ ଜଣେ ଯୁବକକୁ ମଧ୍ୟ ଅଟକ ରଖି ପରେ ଗାଡ଼ି ଯାଞ୍ଚ କରାଯିବାରୁ ସେଥିରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ପରେ ମାଜିଷ୍ଟ୍ରେଟ ଙ୍କ ଉପସ୍ଥିତିରେ ଗଞ୍ଜେଇ ବାହାର କରାଯିବାରୁ ସର୍ବମୋଟ ୧୦୬୭ଟି ପ୍ୟାକେଟ୍‌ରେ ୧୦୫୦ କେଜି ଗଞ୍ଜେଇ ବାହାରିଥିଲା। ଗାଡ଼ିରେ ଥିବା ଦୁଇ ଜଣ ବିହାର ବକ୍ସର ଜିଲ୍ଲାର ଲକ୍ଷ୍ମଣ ଯାଦବ (୨୯), ଲକ୍ଷ୍ମଣ ଯାଦବ (୫୯)କୁ ଗିରଫ କରାଯାଇଛି। ସେହିପରି ବିନିକା ଥାନା ଅନ୍ତର୍ଗତ ଦାନୀପାଲି ଗ୍ରାମ ନିକଟରୁ ୩.୭୨୦ ଗ୍ରାମ ଗଞ୍ଜେଇ ଜବତ କରି ଅଭିମନ୍ୟୁ ବଡ଼େଇକୁ ଗିରଫ କରାଯାଇଥିବା ବେଳେ ଗଣିଆ ଗ୍ରାମ ନିକଟରୁ ୨୪୦ ବୋତଲ କଫ ଶିରଫ ଜବତ କରାଯିବା ସହ ମାରୁତି ୮୦୦ କାର୍‌କୁ ଜବତ କରାଯିବା ସହ ୩ ଜଣ ଯୁବକ ନରେନ୍ଦ୍ର ଦାସ (୩୦), ହେମନ୍ତ ବସ୍ତିଆ(୩୧), ଧୀରେନ୍ଦ୍ର ବେହେରା (୨୨) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେହିପରି ବୀରମହାରାଜପୁର ଥାନା ଅନ୍ତର୍ଗତ ବୌଦ୍ଧ ଜିଲ୍ଲାରୁ ବୀରମହାରାଜପୁର ଅଞ୍ଚଳକୁ ବାଇକ୍ ଯୋଗେ ଚୋରା ଚାଲାଣ କରୁଥିବା ୨ଟି ବାଇକ୍‌ରୁ ୩୭ କେଜି ୪୫୦ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ୨ଟି ବାଇକ୍‌କୁ ଜବତ କରାଯାଇ ବୀରମହାରାଜପୁର ଅଞ୍ଚଳର ୩ ଜଣ ଯୁବକ ରାଜେଶ ସେଠୀ (୨୩), ଭେଙ୍କଟେଶ ମହାକୁଡ଼(୨୬) ଓ ଜିତେନ୍ଦ୍ର ସେଠୀ (୨୪) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏ ନେଇ ବୁଧବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ କେ.କେ. ହରିପ୍ରସାଦ, ଏସଡିପିଓ ଶ୍ରୀ ରଣା ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠୁ ରାଜ୍ୟରେ ପୁଣି ପିୟୁସିସି ଯାଞ୍ଚ କଡ଼ାକଡ଼ି

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଏପ୍ରିଲ ୨ତାରିଖରୁ ରାଜ୍ୟରେ ପୁଣି ପ୍ରଦୂଷଣ ନିୟନ୍ତ୍ରଣ ସାର୍ଟିଫିକେଟ୍ (ପିୟୁସିସି) ଯାଞ୍ଚ କଡ଼ାକଡ଼ି କରାଯିବ। ଯେଉଁମାନେ ଗାଡ଼ିର ପିୟୁସିସି କରିନଥିବେ ସେମାନଙ୍କ ଉପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ (ଏସଟିଏ) ସୂତ୍ରରୁ ଜଣାପଡ଼ିଛି। ଅପରପକ୍ଷରେ ଯେଉଁମାନଙ୍କ ଗାଡ଼ି ଉପରେ ଟ୍ରାଫିକ୍ ଉଲ୍ଲଂଘନ ପାଇଁ ଜରିମାନା କରାଯାଇଥିଲା ସେମାନଙ୍କ ପାଇଁ ପରିବହନ ବିଭାଗ ପକ୍ଷରୁ ଏକ ଓଟିଏସ୍ (ୱାନ୍ ଟାଇମ୍ ସେଟଲମେଣ୍ଟ) ସ୍କିମ୍ ଲାଗୁ କରାଯାଇଥିଲା। ଯେଉଁମାନେ ଧାର୍ଯ୍ୟ ସମୟ ମଧ୍ୟରେ ଜରିମାନାର ୫୦% ଅର୍ଥ ଦେବେ ସେଥିରେ ମୋଟ ଜରିମାନା ଅର୍ଥ କଟିଯିବ ବୋଲି କୁହାଯାଇଥିଲା। ଏହି ଅବଧି ମଧ୍ୟ ମଙ୍ଗଳବାର ଶେଷ ହୋଇଛି। ତେବେ ୫ମାସ ତଳୁ ଏହ ଓଟିଏସ୍ ସ୍କିମ୍ ଲାଗୁ ହୋଇଥିଲାବେଳେ ଇତିମଧ୍ୟରେ ମାତ୍ର ୨୫% ଜରିମାନା ଅର୍ଥ ଆଦାୟ ହୋଇପାରିଛି। ଅର୍ଥାତ ପ୍ରାୟ ୧୩୦୦ କୋଟି ଟଙ୍କାର ଜରିମାନା ଅର୍ଥରୁ ମାତ୍ର ଦେଢ଼ ଶହ କୋଟି ଟଙ୍କା ଆଦାୟ ହୋଇଛି। ତେଣୁ ଜରିମାନା ଅର୍ଥକୁ ଅଧିକରୁ ଅଧିକ ଆଦାୟ ପାଇଁ ଏସଟିଏ ପକ୍ଷରୁ ରାଜ୍ୟ ପରିବହନ ବିଭାଗକୁ ପ୍ରସ୍ତାବ ଦିଆଯାଇଛି। ପ୍ରାୟ ଗୋଟିଏ ମାସ ପାଇଁ ପୁନର୍ବାର ଏହି ଅବଧି ବୃଦ୍ଧି




ହେବ ବୋଲି ଜଣାପଡ଼ିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଜରିମାନା ପଇଠ କରିବାକୁ ଲୋକ ଆଗ୍ରହ ଦେଖାଉଛନ୍ତି। କିନ୍ତୁ ଜରିମାନା ଅର୍ଥ କେଉଁଠି, କାହାକୁ ଏବଂ କେଉଁ ପ୍ରକ୍ରିୟାରେ ଦିଆଯିବ ତାହାକୁ ନେଇ ସେମାନେ ଦ୍ୱନ୍ଦ୍ୱରେ ପଡ଼ିଯାଉଛନ୍ତି। ପରିବହନ ବିଭାଗ ଓ ପୁଲିସ ଦ୍ୱାରା ମାଧ୍ୟମରେ ଚାଲାଣ କଟାଯାଉଥିବାବେଳେ ଏହାର ପଇଠ ମାଧ୍ୟମ ଅଲଗା ହୋଇଥିବାରୁ ସମସ୍ୟା ହେଉଛି। ସେହିପରି ଟ୍ରାଫିକ୍ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟରେ ଗତ ୨୧ ତାରିଖରୁ ଚାଲିଥିବା ସ୍ୱତନ୍ତ୍ର ଚଢ଼ଉ ଅଭିଯାନ ମଙ୍ଗଳବାର ଶେଷ ହେଉଥିଲା। କିନ୍ତୁ ପୁନର୍ବାର ଏହି ଅଭିଯାନକୁ ଆସନ୍ତା ଏପ୍ରିଲ ୧୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅଭିଯାନରେ ମୋଟର ଭେଇକିଲ୍ ନିୟମର ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କେବଳ ଦୁଇ ଚକିଆ ନୁହେଁ ବସ୍, ଟ୍ରକ୍ ଭଳି ଭାରୀଯାନଗୁଡ଼ିକୁ ମଧ୍ୟ ଯାଞ୍ଚ କରାଯାଉଛି।

# ମା’ ସମଲେଶ୍ୱରୀଙ୍କ ଜଳାଭିଷେକ : ଉତ୍ସବମୁଖର ବରଗଡ଼ ସହର

**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ପରମ୍ପରା ଅନୁସାରେ ବରଗଡ଼ ମା’ ସମଲେଶ୍ୱରୀଙ୍କ ହେଲା ଗଙ୍ଗା ଜଳାଭିଷେକ। ବଡ଼ି ଭୋରରୁ ମା’ ସମଲେଶ୍ୱରୀଙ୍କୁ ଗଙ୍ଗା ଜଳାଭିଷେକ କରିବା ପାଇଁ ମନ୍ଦିରରେ ଲାଗିଥିଲା ହଜାର ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭିଡ଼। କିଏ ହାତରେ ଗରା, ବାଲଟି, ପିତ୍ତଳ ଗଡୁ ସହ ପଦ୍ମ ଧରିଥିଲେ ଆଉ କିଏ ମନ୍ଦାର, ଚମ୍ପା, ପାରିଜାତ ଭଳି ରଙ୍ଗବେରଙ୍ଗ ଫୁଲ ଧରି ଶୃଙ୍ଖଳିତ ଭାବେ ମା’ ସମଲେଶ୍ୱରୀଙ୍କୁ କରିଥିଲେ ଗଙ୍ଗା ଜଳାଭିଷେକ। ମା’



ସମଲେଶ୍ୱରୀଙ୍କ ଗଙ୍ଗା ଜଳାଭିଷେକ ଉତ୍ସବକୁ ନେଇ ସୃଷ୍ଟି ହୋଇଥିଲା ଭକ୍ତି, ଉପାସନା ଓ ଆଧ୍ୟାତ୍ମିକ ଚେତନାର ବାର୍ତ୍ତା। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଶବ୍ଦରେ ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଚୈତ୍ର ପୂର୍ଣ୍ଣିମା ତିଥିରେ ମା’ ସମଲେଶ୍ୱରୀଙ୍କୁ ଜଳାଭିଷେକ କଲେ କୋଟି ପାପରୁ ମୁକ୍ତି ମିଳିବା ସହ ପ୍ରାକୃତିକ ଦୁର୍ବିପାକ ଓ ରୋଗବ୍ୟାଧିରୁ ମୁକ୍ତି ଏବଂ ପରିବାରର ସୁଖ, ଶାନ୍ତି, ସମୃଦ୍ଧି ମିଳେ। ସେପଟେ ପାରମ୍ପରିକ ରୀତିନୀତି ଅନୁସାରେ ମା’ ସମଲେଶ୍ୱରୀଙ୍କୁ ଲାଗିଥିଲା ଛପନ ଭୋଗ ଓ ବିଶ୍ୱ ଶାନ୍ତି ପାଇଁ କରାଯାଇଥିଲା ହୋମଯଜ୍ଞ।

# ପୁଣି ଭାଙ୍ଗିଗଲା ଇଟାଲୀର ଫିଫା ବିଶ୍ୱକପ ସ୍ୱପ୍ନ

**ରୋମ**

ଚାରିଥର ଫିଫା ବିଶ୍ୱକପ ଚାମ୍ପିଅନ ଇଟାଲୀ ଆଉ ଏକ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଦଳ ଲଗାତାର ତୃତୀୟ ଥର ପାଇଁ ଫିଫା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ୨୦୨୬ ବିଶ୍ୱକପ ପାଇଁ ୟୁରୋପୀୟ ପ୍ଲେ ଅଫରେ, ଇଟାଲୀ ବୋସନିଆ ଏବଂ ହର୍ଜେଗୋଭିନା ହାତରେ ପେନାଲ୍ଟି ସୁଟ ଆଉଟରେ ୪–୧ ପରାଜୟ ବରଣ କରିଥିଲା। ଏହି ପରାଜୟ ସହିତ, ଇଟାଲୀ ଏକ ଲଜ୍ଜା ଜନକ ଐତିହାସିକ ରେକର୍ଡ ସ୍ଥାପନ କରିଛି। ପ୍ରଥମ ଥର ପାଇଁ ଲଗାତାର ତିନି ଥର ବିଶ୍ୱକପ ଫାଇନାଲ ଖେଳିବା ହାତଛଡ଼ା ହୋଇଛି।

## କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳିତ

# ସମଗ୍ର ଭାରତରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର : ମନ୍ତ୍ରୀ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ଏବଂ ସଂସ୍କୃତିକୁ ବଜାୟ ରଖିବା ସହିତ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଶପଥ ନିଆଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ପାରମ୍ପରିକ ଲୋକକଳା ପ୍ରଦର୍ଶନ ମାଧ୍ୟମରେ ଭକ୍ତିପୂତ ପରିବେଶରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇ ସହରରେ ଅବସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ଲୋକକଳାକାର, ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ସାମିଲ




ହୋଇଥିଲେ। ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆଙ୍କ କର-କମଳରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭବ୍ୟ ଫଟୋଚିତ୍ର ପ୍ରଦର୍ଶନୀ ଉଦଘାଟିତ ହୋଇଥିଲା। ଏହି ପ୍ରଦର୍ଶନୀ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଅତୀତର ଗୌରବମୟ ଇତିହାସକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯା ଇଥିଲା। ଏହି ଅବସରରେ ମନ୍ତ୍ରୀ ପ୍ରଦର୍ଶିତ ଚିତ୍ର ଗୁଡ଼ିକୁ ବୁଲି ଦେଖିବା ସହ ଓଡ଼ିଶାର ବୀରତ୍ୱ ଏବଂ ଐତିହ୍ୟକୁ ପୁଣିଥରେ ମନେ ପକାଇଥିଲେ। ଏହାପରେ ଦରବାର ହଲ୍‌ଠାରେ ଏକ ସ୍ୱତନ୍ତ୍ର ସଭାର ଆୟୋଜନ କରାଯାଇଥିଲା। ଏଥିରେ ଜିଲ୍ଲାପାଳ ବିଶାଲ ସିଂହ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ଯୋଗ ଦେଇଥିଲେ। ଓଡ଼ିଶାର ସମୃଦ୍ଧ ଇତିହାସ ଓ ସଂସ୍କୃତିକୁ ସୁରକ୍ଷିତ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ଅନୁଯାୟୀ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟ ଭାବେ ଗଢ଼ିତୋଳିବା ଏବଂ ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଗଠନ କରିବା ପାଇଁ ଆମେ ସଂକଳ୍ପବଦ୍ଧ ରହିବାକୁ ହେବ ବୋଲି ଜିଲ୍ଲାପାଳ ନିଜ ସ୍ୱାଗତ ଭାଷଣରେ କହିଥିଲେ।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ବନଖଣ୍ଡ ଅଧିକାରୀ ଶ୍ରୀ ଧନରାଜ ଏଚଡି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଭା ଧନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମରେ କବିତା ପାଠୋତ୍ସବ ଓ ସନ୍ଧ୍ୟାରେ ଜିଲ୍ଲାର ପ୍ରାଚୀନ କଳା, ସଂସ୍କୃତି ଓ ଐତିହ୍ୟକୁ ମନେ ପକାଇବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲୌହ ଅପସାରଣ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟିତ

**କୋଣାର୍କ, ନ୍ୟୁଜ୍‌ବ୍ୟୁରୋ**

ସମାଜର ସମ୍ବେଦନଶୀଳ ଜନସାଧାରଣଙ୍କର ଦୀର୍ଘସ୍ଥାୟୀ ପରିବର୍ତ୍ତନ ପାଇଁ ଅନମୋଲ ଫାଉଣ୍ଡେସନ ଫର୍ ସଷ୍ଟେନେବେଲ ଡେଭଲପମେଣ୍ଟ ଓ କୋଣାର୍କର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସୋଲାରର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱର ବ୍ଲକର କଣ୍ଟାବାଡ଼ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଝରବଣିଆ, କଣ୍ଟାବାଡ଼ ଉପର ଆଦିବାସୀ ସାହି ଗ୍ରାମରେ, ଅନ୍ଧାରୁଆ ଗ୍ରାମପଞ୍ଚାୟତର ଗୋଡ଼ିବାରି ତାଳସାହି, ଶବର ସାହି ଗ୍ରାମରେ ନିର୍ମାଣ କରାଯାଇଥିବା ସୌର ଶକ୍ତି ଚାଳିତ ଲୌହ ଅପସାରଣ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ଚାରୋଟିକୁ ଅନମୋଲ ଫାଉଣ୍ଡେସନ ଫର୍ ସଷ୍ଟେନେବେଲ ଡେଭଲପମେଣ୍ଟର ଉପ ସଭାପତି ଦିଲୀପ ଚୌଧୁରୀଙ୍କ ପରାମର୍ଶରେ ଉଦ୍‌ଘାଟନ କରାଯାଇଥିଲା।

ଏହି ଲୌହ ଅପସାରଣ ପ୍ରକଳ୍ପ




ମାଧ୍ୟମରେ ଗ୍ରାମବାସୀମାନେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ପାଇବ ସହିତ ତାଙ୍କର ଜୀବନ ଶୈଳୀରେ ଭବିଷ୍ୟତ ପିଢିପାଇଁ ଏକ ସୁନ୍ଦର ସ୍ୱାସ୍ଥ୍ୟକର ପରିବେଶର ମୂଳଦୁଆ ପକାଇ ପାରିବେ ବୋଲି ଆମନ୍ତ୍ରିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଶୁଭ ଅବସରରେ ଅନମୋଲ ଇଣ୍ଡଷ୍ଟ୍ରି ଲିମିଟେଡ ର ଭୁବନେଶ୍ୱର ସ୍ଥିତ ପ୍ଲାଣ୍ଟର ମାନବ ସମ୍ବଳ ଓ ପ୍ରଶାସନିକ ମୁଖ୍ୟ ଏସକେ ସହିଦ ହୁସେନ, ପ୍ଲାଣ୍ଟ ମୁଖ୍ୟ ପ୍ରଣବ କୁମାର ପ୍ରାମାଣିକ, ଏଏସଏମ୍ ଜୟ ନାରାୟଣ ସାହୁ, କଣ୍ଟାବାଡ଼ ସରପଞ୍ଚ ଲକ୍ଷ୍ମୀ ସାହୁ, ଅନ୍ଧାରୁଆ ସରପଞ୍ଚ ସ୍ୱର୍ଣ୍ଣଲତା ବଳିଆରସିଂ, ସୋଲାର ସମ୍ପାଦକ ହରିଶ୍ଚନ୍ଦ୍ର ଦାସଙ୍କ ଉପସ୍ଥିତିରେ ଏହି ଚାରିଗୋଟି ପ୍ରକଳ୍ପ ଜରିଆରେ ଲୋକମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଆଣିବା ସହିତ ଏହି କାର୍ଯ୍ୟଧାରାକୁ ଅଧିକ ପ୍ରଗତିଶୀଳ କରିବା ନିମନ୍ତେ ମତ ପ୍ରକାଶ ହୋଇଥିଲା।

# ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲେ ଜିଲ୍ଲାପାଳ ଏବଂ ବରିଷ୍ଠ ଅଧିକାରୀ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ପ୍ରତିବର୍ଷ ଭଳି ସମ୍ବଲପୁର ଜିଲ୍ଲା ପ୍ରଶାସନ ତଥା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ମହାଆଡ଼ମ୍ବର ସହକାରେ ପାଳିତ ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରତ୍ୟୁଷ ୫.୩୦ ଘଟିକା ସମୟରେ ସହରର ମୁଖ୍ୟ ରାସ୍ତାରେ ଡାକବାଜି ଯନ୍ତ୍ର ମାଧ୍ୟମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାମଧୂନ ପ୍ରଚାର କରାଯାଇଥିଲା। ଏହା ପରେ ମୁଖ୍ୟଅତିଥିଙ୍କ ସହ ପ୍ରଶାସନିକ ଅଧିକାରୀମାନେ ସହରର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ରମାନଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାଅର୍ପଣ କରିଥିଲେ।

ଏହା ପରେ ଓଡ଼ିଶା ଦିବସ ପାଳନ ଅବସରରେ ତପସ୍ୱିନୀ କକ୍ଷ ଠାରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ, ଶିକ୍ଷାବିତ୍, ବୁଦ୍ଧିଜୀବୀ, ଗଣମାଧ୍ୟମର ପ୍ରତିନିଧିଙ୍କୁ ସାମିଲ କରି ଓଡ଼ିଶା ଦିବସ ପାଳନର ତାତ୍ପର୍ଯ୍ୟ ଏବଂ ବରପୁତ୍ରମାନଙ୍କର ଅବଦାନ ସ୍ମରଣ କରିବା ଉଦ୍ଦେଶ୍ୟରେ ଏକ ସାଧାରଣ ସଭା ତପସ୍ୱିନୀ



କକ୍ଷ ଠାରେ ଆୟୋଜନ କରାଯାଇଥିଲା। ଉକ୍ତ ସାଧାରଣ ସଭାରେ ଜିଲ୍ଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଆଇ.ଏ.ଏସ), ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ, ରେହାନ ଖତ୍ରୀ, (ଭା.ପ୍ର.ସେ) ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ, ପ୍ରସନ୍ନ କୁମାର ପାତ୍ର,(ଓ.ପ୍ର.ସେ) ମୁଖ୍ୟ ଜିଲ୍ଲା ଉନ୍ନୟନ ଅଧିକାରୀ, କଲ୍ୟାଣୀ ଦାଶ,(ଓ.ସୂ.ସେ), ଉପନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଉପସ୍ଥିତ ଥିଲେ।

ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର(ଭା.ପ୍ର.ସେ), ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଓଡ଼ିଶା ଗଠନ ରେ ଭୂମିକା ଗ୍ରହଣ କରିଥିବା ବରପୁତ୍ରମାନଙ୍କ ପାଖେ ନିଜକୁ ଚିରନମନୀୟ ବୋଲି କହିଥିଲେ। ଭାଷା ଭିତ୍ତିକ ରାଜ୍ୟରେ ଓଡ଼ିଶା ପ୍ରଥମ ଗଠନ ହୋଇ ଭାରତରେ ଅନ୍ୟ ରାଜ୍ୟଗଠନ ହେବାରେ ମାର୍ଗ ଦର୍ଶାଇଥିଲା। ଆଗାମୀ ୧୦ ବର୍ଷରେ ଆମ ରାଜ୍ୟ ଗଠନ କୁ ୧୦୦ ବର୍ଷ ପୂର୍ତ୍ତି ହେବ ତେବେ ସୁଦ୍ଧା ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ନିର୍ମିତ କରିବାକୁ ଲକ୍ଷ୍ୟ ରଖାଯାଇଛି।

ଶେଷରେ ସମ୍ବଲପୁରକୁ ସମୃଦ୍ଧ କରିବା ପାଇଁ ଆମର ନିଜ କିଛି ନ କିଛି ଦାୟିତ୍ୱ ରହିଛି ଯାହାକୁ ଆମମାନଙ୍କୁ ସୁଚାରୁ ରୂପରେ ନିର୍ବାହ କରିବାକୁ ପଡିବ ବୋଲି ଜିଲ୍ଲାପାଳ କହିଥିଲେ। ଆଗାମୀ ପାଞ୍ଚ ବର୍ଷ ଭିତରେ ଅଙ୍ଗନୱାଡି ଠାରୁ ଆରମ୍ଭ କରି ପ୍ରତ୍ୟେକ ବିଭାଗ ପାଇଁ ଅଗ୍ରଗତି କରିବାର ଅଛି। ଆଗାମୀ ପାଞ୍ଚ ବର୍ଷରେ ସମ୍ବଲପୁରକୁ ସମୃଦ୍ଧି ପଥରେ ଆଗେଇ ନେବାର ଅଛି ବୋଲି କହି ସମସ୍ତଙ୍କୁ ଏକଜୁଟ ହୋଇ କାମ କରିବାକୁ ଆହ୍ୱାନ ଦେଇଥିଲେ। ଭାଷା ହିଁ ହେଉଛି ଏକ ମାଧ୍ୟମ ଯାହାଦ୍ୱାରା ଆମ ସମସ୍ତଙ୍କ ଯୋଡ଼ି ହେଉଥାଉ ବୋଲି ସେ କହିଥିଲେ।

ଉତ୍କଳ ଦୀପିକା

ଭୁବନେଶ୍ୱର, ୦୨ ଅପ୍ରେଲ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

## ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ଚାକିରି ଚୁକ୍ତିନାମା ସ୍ଥିତି ନିର୍ବିଶେଷରେ ମାତୃତ୍ୱ ଛୁଟି ଏକ ମୌଳିକ ଅଧିକାର

**କଟକ, ୦୧/୦୪ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ଅସ୍ଥାୟୀ କିମ୍ବା ଅତିଥି ଅଧ୍ୟାପକ ଭାବରେ କାର୍ଯ୍ୟ କରୁଥିବା ମହିଳାମାନଙ୍କୁ ସ୍ଥାୟୀ ପଦବୀ ନଥିବା କାରଣରୁ ମାତୃତ୍ୱ ସୁବିଧାରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟ ରାୟ ଦେଇଛନ୍ତି । ଏହି ମାମଲାରେ ଅଧ୍ୟକ୍ଷତା କରି ଜଷ୍ଟିସ୍ ଆଦିତ୍ୟ କୁମାର ମହାପାତ୍ର ଏକ ବିଶ୍ୱବିଦ୍ୟାଳୟର ପୂର୍ବ ଆଦେଶକୁ ଖାରଜ କରିଛନ୍ତି ଯେଉଁଥିରେ ଜଣେ ଆବେଦନକାରୀଙ୍କ ଛୁଟି ପାଇଁ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା । କୋର୍ଟ ଗୁରୁତ୍ୱାରୋପ କରିଛନ୍ତି ଯେ ଜୈବିକ ବାସ୍ତବତା ଏବଂ ଶିଶୁର ଯତ୍ନ ନେବାର ଅଧିକାର ଜଣେ କର୍ମଚାରୀ ନିୟମିତ କିମ୍ବା ଚୁକ୍ତିଭିତ୍ତିକ ଦରମାରେ ଅଛନ୍ତି କି ନାହିଁ ତାହା ଉପରେ ଆଧାର କରି ପରିବର୍ତ୍ତନ ହୁଏ ନାହିଁ । ଜଷ୍ଟିସ୍ ମହାପାତ୍ର ପର୍ଯ୍ୟବେକ୍ଷଣ କରିଛନ୍ତି ଯେ ମାତୃତ୍ୱ ସହାୟତା ସମ୍ପର୍କରେ ସ୍ଥାୟୀ ଏବଂ ଅସ୍ଥାୟୀ କର୍ମଚାରୀଙ୍କ ମଧ୍ୟରେ ପାର୍ଥକ୍ୟ ବେଆଇନ ଭେଦଭାବ ସୃଷ୍ଟି କରେ । ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ କ୍ଷଣସ୍ଥାୟୀ କିମ୍ବା ସ୍ଥାୟୀ ନିଯୁକ୍ତିର ପ୍ରକୃତି



ଜଣେ ମହିଳା କର୍ମଚାରୀଙ୍କ ମୌଳିକ ଆବଶ୍ୟକତାକୁ ପରିବର୍ତ୍ତନ କରେ ନାହିଁ । ଏହି ଅଧିକାରଗୁଡ଼ିକୁ ପ୍ରତ୍ୟାଖ୍ୟାନ କରି ଅନୁଷ୍ଠାନଗୁଡ଼ିକ ଶ୍ରମ ଆଇନର ମାନବିକ ଉପାଦାନକୁ ବାଇପାସ୍ କରନ୍ତି, ଯାହା ଆଇନଗତ ଭାବରେ ସ୍ଥାୟୀ ନୁହେଁ । ଓଡ଼ିଶା ରାଜ୍ୟ ବନାମ ଅନିନ୍ଦିତା ମିଶ୍ର ମାମଲା ସମେତ ପୂର୍ବ ଆଇନଗତ ମାନଦଣ୍ଡକୁ ଅଣଦେଖା କରିବା ପାଇଁ ବିଶ୍ୱବିଦ୍ୟାଳୟରେ ନିର୍ଦ୍ଦିଷ୍ଟ ସମାଲୋଚନା କରାଯାଇଥିଲା । ଏହି ଦୃଷ୍ଟିକୋଣରୁ ଆବେଦନକାରୀଙ୍କ ଦାବିର ମୂଲ୍ୟାଙ୍କନ କରିବା ପାଇଁ ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଶ୍ୱବିଦ୍ୟାଳୟ ନିଜର ପ୍ରତ୍ୟାଖ୍ୟାନକୁ ଯଥାର୍ଥ କରିବା ପାଇଁ ୨୦୧୬ ସରକାରଙ୍କ ସ୍ମାରକପତ୍ର ଉପରେ ନିର୍ଭର କରିଥିଲା । ହାଇକୋର୍ଟ ବର୍ତ୍ତମାନ ମାମଲାକୁ ପୁନର୍ବାର ଗ୍ରହଣ କରିଛନ୍ତି, ବିଶ୍ୱବିଦ୍ୟାଳୟକୁ ଅଧ୍ୟାପକଙ୍କ ଦାବିର ପୁନର୍ବିଚାର କରିବାକୁ ଏବଂ ଚାରି ସପ୍ତାହ ମଧ୍ୟରେ ଏକ ନୂତନ ନିର୍ଦ୍ଦେଶ ଜାରି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ରାୟ ଓଡ଼ିଶାକୁ ଏକ ବର୍ଦ୍ଧିତ ଜାତୀୟ ନ୍ୟାୟିକ ଧାରା ସହିତ ସମାନ କରିଥାଏ ଯେଉଁଠାରେ କୋର୍ଟଗୁଡ଼ିକ ସରକାରୀ କ୍ଷେତ୍ରରେ ଅମଲାତାନ୍ତ୍ରିକ ଚୁକ୍ତିନାମା ଦ୍ୱାରା ପ୍ରଜନନ ଅଧିକାରକୁ ଦମନ ନକରିବା ପାଇଁ ଧାରା ୨୧ (ଜୀବନ ଅଧିକାର) ବ୍ୟବହାର କରୁଛନ୍ତି । ସମଗ୍ର ଓଡ଼ିଶାରେ ଶିକ୍ଷାନୁଷ୍ଠାନଗୁଡ଼ିକୁ ଏବେ ଏହି ନ୍ୟାୟିକ ସ୍ପଷ୍ଟତା ସହିତ ସେମାନଙ୍କର ଆଭ୍ୟନ୍ତରୀଣ ନୀତିଗୁଡ଼ିକୁ ସମାନ କରିବାକୁ ପଡିବ । କୋର୍ଟଙ୍କ ମତ ନିଶ୍ଚିତ କରେ ଯେ ରାଜ୍ୟର ଶିକ୍ଷାଗତ କାର୍ଯ୍ୟଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଗଠନ କରୁଥିବା ଅତିଥି ଅଧ୍ୟାପକମାନେ ଗର୍ଭାବସ୍ଥାରେ ପଦ୍ଧତିଗତ ପକ୍ଷପାତରୁ ସୁରକ୍ଷିତ ରହିବେ ।



ଭୁବନେଶ୍ୱର : ଓଡ଼ିଶା ଦିବସ ୨୦୨୬ ପାଳନ ଅବସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସତ୍ୟବାଦୀ ସ୍ଥିତ ସୁଆଣ୍ଡୋ ଗ୍ରାମ ପରିଦର୍ଶନ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

## କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶା ଦିବସ ପାଳିତ

# ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ : ଅଚ୍ୟୁତ ସାମନ୍ତ




**ଭୁବନେଶ୍ୱର, ୧।୪ ନ୍ୟୁଜ ବ୍ୟୁରୋ**

କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶା ଦିବସ ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ କିଟ୍ ଓ କିସ୍ ପକ୍ଷରୁ ଓଡ଼ିଶାର ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ ପରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନର ସ୍ମୃତିଚାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କହିଲେ, ୨୦୩୬ରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଗଠନର ଶହେବର୍ଷ ପୂରଣ କରିବାକୁ ଯାଉଛି । ଇତି ମଧ୍ୟରେ ଓଡ଼ିଶା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିଥିବା ବେଳେ ବିଗତ ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାର ଶିକ୍ଷା, ସ୍ୱାସ୍ଥ୍ୟ, ଜନଜାତି ସଶକ୍ତିକରଣ, କ୍ରୀଡ଼ା, ସାହିତ୍ୟ, ସଂସ୍କୃତି ଆଦି ବିଭିନ୍ନ କ୍ଷେତ୍ରର ବିକାଶରେ କିଟ୍ ଓ କିସ୍‌ର ଯୋଗଦାନ ରହିଆସିଛି । ଆଗାମୀ ଦିନରେ ମଧ୍ୟ ଓଡ଼ିଶାର ବିକାଶ ଧାରାରେ କିଟ୍ ଓ କିସ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ଡ. ସାମନ୍ତ କହିଥିଲେ । ଓଡ଼ିଆ ଜାତି ଏବେ ସହଯୋଗ ଓ ସୌହାର୍ଦ୍ଦ୍ୟର ପ୍ରତୀକ ହୋଇପାରିଛି ବୋଲି ସେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି, ପ୍ରଫେସର କେ. ଡ଼ି ରାଜୁ ଓ କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଓଡ଼ିଶା ଦିବସ ଉପରେ ନିଜନିଜର ମତାମତ ରଖି ଓଡ଼ିଶାର ବିକାଶରେ ସମସ୍ତେ ଏକାଠି ହୋଇ ସହଯୋଗର ହାତ ବଢ଼ାଇବାକୁ ପରାମର୍ଶ ଦେଇଥିଲେ । ଶେଷରେ କିଟ୍ ଓ କିସ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# ପ୍ରଥମ ପର୍ଯ୍ୟାୟରେ ୧୦ଟି ଦେଶକୁ, ପରେ ଅନ୍ୟାନ୍ୟ ଦେଶକୁ ଭିସା ସୁବିଧା ଉପଲବ୍ଧ ହେବ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୦୧/୦୪ ନ୍ୟୁଜ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଙ୍ଗଳବାର ଭୁବନେଶ୍ୱର ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ବରମୁଣ୍ଡା ଠାରେ ଭିଏଫଏସ୍ ଗ୍ଲୋବାଲ ଦ୍ୱାରା ପରିଚାଳିତ ନୂତନ ଭିସା ଆବେଦନ କେନ୍ଦ୍ରର ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଭିସା ଆପ୍ଲିକେସନ୍ ସେଣ୍ଟର ପାଇଁ ରାଜ୍ୟବାସୀଙ୍କ ବହୁଦିନରୁ ଦାବି ରହିଆସିଥିଲା, ଆମେ ଏ ସମ୍ବନ୍ଧରେ କେନ୍ଦ୍ର ସରକାରଙ୍କ ନିକଟରେ ସହଯୋଗ କାମନା କରିଥିଲୁ । କେନ୍ଦ୍ର ସରକାରଙ୍କ ସହଯୋଗରେ ଭୁବନେଶ୍ୱରରେ ଏହି ଭିସା ଆପ୍ଲିକେସନ୍ ସେଣ୍ଟର କାର୍ଯ୍ୟକ୍ଷମ ହେଲା । ଏହା ଓଡ଼ିଶାବାସୀଙ୍କୁ ଅନ୍ତର୍ଜାତୀୟ ଭିସା ସେବା ପ୍ରଦାନ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ଏହାଦ୍ୱାରା ଓଡ଼ିଶାର ଗ୍ଲୋବାଲ କନେକ୍ଟିଭିଟି ଢାଞ୍ଚା ଆହୁରି ସୁଦୃଢ଼ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଏହି କେନ୍ଦ୍ର ସ୍ଥାପିତ ହେବାଦ୍ୱାରା ସମଗ୍ର ବିଶ୍ୱ ସହିତ ଓଡ଼ିଶାର କନେକ୍ଟିଭିଟି ବୃଦ୍ଧିହେବ ।




ଜନସାଧାରଣଙ୍କୁ ନାଗରିକ କୈନ୍ଦ୍ରୀକ ସେବା ଯୋଗାଇଦେବାରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ଏହା ଏକ ପ୍ରତିଫଳନ । ସେ ଆହୁରି କହିଥିଲେ ଯେ, ଏପରି ପଦକ୍ଷେପ ଓଡ଼ିଶାର ଯୁବବର୍ଗଙ୍କ ବିଦେଶ ଯାତ୍ରାକୁ ସହଜ କରିବା ସହିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବ ଓ ଅନ୍ତର୍ଜାତୀୟ ସମ୍ପର୍କକୁ ମଜବୁତ କରିବ । ରାଜ୍ୟରେ ଶିଳ୍ପାୟନ ଓ ଅର୍ଥନୈତିକ କାର୍ଯ୍ୟକ୍ରମର ଅଭିବୃଦ୍ଧି ଯୋଗୁଁ ଓଡ଼ିଶାରେ ଏକ ଭିସା ଆପ୍ଲିକେସନ୍ ସେଣ୍ଟରର ଆବଶ୍ୟକତା ଥିଲା । ସ୍ଥାନୀୟ ଯୁବ ପ୍ରଫେସନାଲଙ୍କ ପାଇଁ ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ପୂର୍ବରୁ ସେମାନେ ଭିସା ଆବେଦନ ପାଇଁ କୋଲକାତା ଓ ହାଇଦ୍ରାବାଦକୁ ଯିବାକୁ ପଡୁଥିଲା । ଏବେ ସେମାନେ ସହଜରେ ଓ ସୁବିଧାରେ ଭିସା ପାଇପାରିବେ । ରାଜ୍ୟ ସରକାର ଭୁବନେଶ୍ୱରର ବରମୁଣ୍ଡା ସ୍ଥିତ ବାବା ସାହେବ ଆମ୍ବେଦକର ବସ୍ ଟର୍ମିନାଲ ଭିତରେ ପ୍ରାୟ ୩,୦୦୦ ବର୍ଗଫୁଟ୍ ଜାଗା ଏହି ଭିସା ସେଣ୍ଟର ପାଇଁ ପ୍ରଦାନ କରିଛନ୍ତି । ପ୍ରଥମ ପର୍ଯ୍ୟାୟରେ ଏହି କେନ୍ଦ୍ର ୟୁନାଇଟେଡ୍ କିଙ୍ଗଡମ୍, ଆୟରଲ୍ୟାଣ୍ଡ, ଅଷ୍ଟ୍ରିଆ, ଏସ୍ତୋନିଆ, ଇଟାଲୀ, ମାଲ୍ଟା, ସ୍ୱିଜରଲ୍ୟାଣ୍ଡ, ଜାପାନ, ମରୋକକୋ ଓ ଇଜିପ୍ଟ ସହିତ ମୋଟ ୧୦ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରିବ । ଆଗାମୀ ଦିନରେ ଅଧିକ ଦେଶକୁ ଏହି ସେବାରେ ଯୋଡାଯିବ ବୋଲି ସେ କହିଥିଲେ । ସୂଚନାଯୋଗ୍ୟ ଯେ, ଭିଏଫଏସ୍ ଗ୍ଲୋବାଲ ଭାରତର ୨୦ଟି ସହରରେ ୫୬୦ରୁ ଅଧିକ କେନ୍ଦ୍ର ମାଧ୍ୟମରେ ୫୩ଟି ଦେଶ ପାଇଁ ଭିସା ସେବା ପ୍ରଦାନ କରୁଛି । ଭିଏଫଏସ୍ ଗ୍ଲୋବାଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବିନ କାରକରିଆ ସଂସ୍ଥାଟିକୁ ବିଶ୍ୱର ସର୍ବବୃହତ୍ ଭିସା ଓ କନସୁଲାର ସେବା ପ୍ରଦାନକାରୀ ଭାବେ ଗଢ଼ିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ତାଙ୍କ ନେତୃତ୍ୱରେ ସଂସ୍ଥାଟି ୧୬୭ଟି ଦେଶରେ ୭୦ଟି ସରକାରଙ୍କୁ ଭିସା ସେବା ଯୋଗାଇ ଦେଉଛି । ଭିଏଫଏସ୍ ଗ୍ଲୋବାଲ ଏକ ବିଶ୍ୱସନୀୟ ପ୍ରଯୁକ୍ତି ସେବା ପ୍ରଦାନକାରୀ ସଂସ୍ଥା ଭାବେ ସରକାର ଓ ଦୂତାବାସମାନଙ୍କୁ ଭିସା, ପାସପୋର୍ଟ ଓ କନସୁଲାର ସେବା ପ୍ରଦାନ କରିବାରେ ସହଯୋଗ କରୁଛି । ୧୬୭ଟି ଦେଶରେ ଏହି ସଂସ୍ଥାର ୪,୦୦୦ରୁ ଅଧିକ କେନ୍ଦ୍ର ରହିଛି । ଏହି ଅବସରରେ ଅଷ୍ଟ୍ରିଆ, ଇଟାଲୀ ଓ ସ୍ୱିଜରଲ୍ୟାଣ୍ଡ ଦୂତାବାସର ଭାରତରେ ଅବସ୍ଥାପିତ ଅଧିକାରୀଙ୍କ ସମେତ ଓଡ଼ିଶା ବିଧାନ ସଭାର ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଭିଏଫଏସ୍ ଗ୍ଲୋବାଲ ସାଉଥ ଏସିଆର ସିଓଓ ୟୁମି ତଲୱାର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ତିନିମହଲା ଛାତରୁ ପଡ଼ି ଯୁବତୀଙ୍କ ମୃତ୍ୟୁ



**କଟକ, ୦୧/୦୪ ନ୍ୟୁଜ ବ୍ୟୁରୋ**

ଫୋନରେ ଗପିବା ହେଲା କାଳ । କଟକ ବାଦାମବାଡ଼ି ଥାନା ଅଞ୍ଚଳରେ ତିନିମହଲା ଛାତରୁ ପଡ଼ି ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି । ମୃତ ଯୁବତୀ ଜଣଙ୍କ ନାମ ହେଲା ବର୍ଷା ତ୍ରିପାଠୀ । ମଙ୍ଗଳବାର ରାତି ୧୧.୩୦ ସମୟରେ ସେ ରାତିରେ ଫୋନରେ ଗପୁଥିଲେ । ତା'ପରେ ଛାତରୁ ପଡ଼ି ଗୁରୁତର ହୋଇଥିଲେ । ସ୍ଥାନୀୟ ଲୋକେ ଏସସିବିରେ ଭର୍ତ୍ତି କରିଥିବା ବେଳେ ତାଙ୍କର ମୃତ୍ୟୁ ହୋଇଯାଇଛି । ତେବେ କେଉଁ ପରିସ୍ଥିତିରେ ଯୁବତୀ ଜଣକ ମୃତ୍ୟୁ ହେଲା, ଛାତରୁ ଖସି ପଡ଼ିବା ଯୋଗୁଁ ନା କେହି ତାଙ୍କୁ ଠେଲି ଦେବାରୁ ନା ଅନ୍ୟ କିଛି କାରଣ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଛି ତାହା ସନ୍ଦେହ ଘେରରେ ରହିଛି । ପରିବାର ଲୋକେ ତାଙ୍କ ଝିଅକୁ ଛାତରୁ ଠେଲି ଦିଆଯାଇଥିବା ଅଭିଯୋଗ କରିଛନ୍ତି । ସେପଟେ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ମୃତ ଯୁବତୀଙ୍କ ଘର ଜଗତସିଂହପୁର ଅଞ୍ଚଳରେ ହୋଇଥିବା ବେଳେ କଟକର ବାଦାମବାଡ଼ିରେ ଭଡ଼ାରେ ରହୁଥିଲେ । ଯୁବତୀ ଜଣଙ୍କ ଭଡ଼ାରେ ରହୁଥିବା ବେଳେ ବିଭିନ୍ନ ପରୀକ୍ଷା ଲାଗି ପ୍ରସ୍ତୁତି ହେଉଥିଲେ । ପୁଲିସ୍ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-01/04/2026
୫,୮୨,୨୧୬/- ଟଙ୍କା
ସୁନା:-୦୦ଗ୍ରାମ୍୩୦୦ ମିଲିଗ୍ରାମ
ରୂପା:-୨୧ଗ୍ରାମ୍୮୦୦ ମିଲିଗ୍ରାମ

# ପାରାଦୀପକୁ ପୁଣି ପୂର୍ବ ଭାରତର ୧ ନମ୍ବର ମେଜର ପୋର୍ଟର ମାନ୍ୟତା

**ପାରାଦୀପ ୧।୪ ନ୍ୟୁଜ ବ୍ୟୁରୋ**

ପୂର୍ବ ଭାରତର ୧ ନମ୍ବର ମେଜର ପୋର୍ଟର ମାନ୍ୟତା ବଜାୟ ରଖିଲା ପାରାଦୀପ ବନ୍ଦର । ୨୦୨୫-୨୬ ଆର୍ଥିକ ବର୍ଷରେ ୧୫୬.୪୫ ନିୟୁତ ମେଟ୍ରିକ୍ ଟନ୍ ପଣ୍ୟ କାରବାର କରି ଏହି ରେକର୍ଡକୁ ପୁଣି ବଜାୟ ରଖିଛି ପାରାଦୀପ ବନ୍ଦର । ଆନ୍ତର୍ଜାତିକ ବଜାରରେ ଲୁହାପଥରର ମାନ୍ଦାବସ୍ଥା ସତ୍ତ୍ୱେ ପାରାଦୀପ ବନ୍ଦର ସଫଳତା ହାସଲ କରିବାରେ ସଫଳ ହୋଇଛି ।

ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହାରାନାଦ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ପ୍ରଦାନ କରିବା ସହିତ ୨୦୨୫-୨୬ ଆର୍ଥିକ ବର୍ଷରେ ପାରାଦୀପ ବନ୍ଦର ପାଖାପାଖି ୨୫୦୦ କୋଟି ଟଙ୍କାର




ବ୍ୟବସାୟ କରିଛି ବୋଲି ପ୍ରକାଶ କରିଛନ୍ତି । ଆସନ୍ତା ୨୦୩୦ ମସିହା ପୂର୍ବରୁ ପାରାଦୀପ ବନ୍ଦର ସମ୍ପୂର୍ଣ୍ଣ ମେକାନାଇଜ୍ଡ ମୋଡରେ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ବର୍ତ୍ତମାନ ପାରାଦୀପ ବନ୍ଦର ବ୍ୟବସାୟିକ କ୍ଷେତ୍ରରେ ୧୦୦ଟଙ୍କା ରୋଜଗାର ପାଇଁ ମାତ୍ର ୩୧ ଟଙ୍କା ବ୍ୟୟ କରୁଛି । ୨୦୩୦ ସୁଦ୍ଧା ଏହା ଆହୁରି କମିଯିବ ଏବଂ ପାରାଦୀପ ବନ୍ଦରରେ କେପ୍ ସାଇଜ୍ ଭେସେଲ ଲାଗିବାରେ ସୁବିଧା ହେବ ।

ଏହାଛଡ଼ା ପାରାଦୀପ ବନ୍ଦର ଦୈନିକ ୩୫,୦୫୯ ମିଲିୟନ ଟନ୍ ପଣ୍ୟ ଲୋଡିଂ ଓ ଅନଲୋଡିଂ କରି ଭାରତର ଅନ୍ୟ ବନ୍ଦରମାନଙ୍କ ମଧ୍ୟରେ ଏକ ନମ୍ବର ମାନ୍ୟତା ହାସଲ କରିଛି । ଏଥିପାଇଁ ବନ୍ଦର ଅଧ୍ୟକ୍ଷ ଷ୍ଟିଭେଡୋର ସଂସ୍ଥା, ବନ୍ଦର କର୍ମଚାରୀ, ଓଡ଼ିଶା ସରକାର ଓ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟର ସହଯୋଗକୁ ପ୍ରଶଂସା କରିଛନ୍ତି ବୋଲି ସୂଚନା ମିଳିଛି ।

# ନନ୍ଦନକାନନ ଇତିହାସରେ ପ୍ରଥମ : ୨୬ କୋଟିରୁ ଅଧିକ ରାଜସ୍ୱ ଆଦାୟ

**ଭୁବନେଶ୍ୱର, ୦୧/୦୪ ନ୍ୟୁଜ ବ୍ୟୁରୋ**

୨୦୨୫-୨୬ ଆର୍ଥିକ ବର୍ଷରେ ନନ୍ଦନକାନନ ବୁଲିଲେ ରେକର୍ଡ଼ ସଂଖ୍ୟକ ପର୍ଯ୍ୟଟକ । ୩୯ ଲକ୍ଷ ୭୬ ହଜାର ୬୧୫ ଜଣ ପର୍ଯ୍ୟଟକ ବୁଲି ଥିବା ବେଳେ ମୋଟ ୨୬ କୋଟି ୩୧ ଲକ୍ଷ ରାଜସ୍ୱ ଆଦାୟ ହୋଇଛି । ନନ୍ଦନକାନନର ଉଭୟ ଉଦ୍ୟାନକୁ ଚଳିତ ୨୫-୨୬ ଆର୍ଥିକ ବର୍ଷରେ ରେକର୍ଡ଼ ସଂଖ୍ୟକ ପର୍ଯ୍ୟଟକ ବୁଲିଛନ୍ତି । ଯାହା ନନ୍ଦନକାନନ ଇତିହାସରେ ପ୍ରଥମ । ଗତ ଆର୍ଥିକ ବର୍ଷରେ ନନ୍ଦନକାନନର ଉଭୟ ପ୍ରାଣୀ ଓ ଉଦ୍ଭିଦ ଉଦ୍ୟାନରେ ୩୯ ଲକ୍ଷ ୭୬ ହଜାର ୬୧୫ ଜଣ ପର୍ଯ୍ୟଟକ ବୁଲିଛନ୍ତି । ସେଥିମଧ୍ୟରୁ ପ୍ରାଣୀ ଉଦ୍ୟାନରେ ୩୭ ଲକ୍ଷ ୯୬ ହଜାର ୩୪୧ ଜଣ ଓ ଉଦ୍ଭିଦ ଉଦ୍ୟାନରେ ଏକ ଲକ୍ଷ ୮୦ ହଜାର ୨୭୪ ଜଣ ପର୍ଯ୍ୟଟକ ବୁଲିଛନ୍ତି । ସେଥି ମଧ୍ୟରେ ୩୩ ଲକ୍ଷ ୪୮ ହଜାର ୯୩୩ ଜଣ ବଡ଼, ୬ ଲକ୍ଷ ୨୬ ହଜାର ୬୪୬ ଜଣ ଶିଶୁ ଓ ଏକ ହଜାର ୩୬ ଜଣ ବିଦେଶୀ ନାଗରିକ ଅଛନ୍ତି । ମୋଟ ୨୬ କୋଟି ୩୧ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି । ଟିକେଟ, ପାର୍କିଂ ଓ କ୍ୟାମେରାରୁ ୧୬ କୋଟି ୨୭ ଲକ୍ଷ ଟଙ୍କା ଓ ଅନ୍ୟ ସଂସ୍ଥା ଯେପରି ବେଟ୍ରି ଗାଡ଼ି, ସଫାରୀ, ଶିଶୁ ରେଳଗାଡି, ନୌକାବିହାର, ରୋପ ୱେ ପ୍ରଭୃତିରୁ ୯ କୋଟି ୮୧ ଲକ୍ଷ ଓ ଜୀବଜନ୍ତୁ ପୋଷ୍ୟ ଗ୍ରହଣ କରିବାରେ ୨୩ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ହୋଇଛି ଯାହା ନନ୍ଦନକାନନ ଇତିହାସରେ ସବୁଠାରୁ ଅଧିକ ରାଜସ୍ୱ ରହିଛି ।

# ସଙ୍କଟରେ ଆମ ଅସ୍ମିତା, ଓଡ଼ିଆ ଶିକ୍ଷା ବ୍ୟବସ୍ଥା

**ଚନ୍ଦନେଶ୍ୱର,୦୧।୦୪ ନ୍ୟୁଜ ବ୍ୟୁରୋ**

ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ୮୯ ବର୍ଷ ବିତିଥିଲେ ମଧ୍ୟ ଏବେବି ସୀମାନ୍ତରେ ଓଡ଼ିଆମାନେ ଠିକଣା ଖୋଜୁଛନ୍ତି । ଓଡ଼ିଆ ଶିକ୍ଷା ବ୍ୟବସ୍ଥା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି । ସୀମା ସମସ୍ୟା ଏବଂ ଭାଷା ପ୍ରୀତି ଆମ ଅସ୍ମିତାକୁ ସଙ୍କଟରେ ପକାଇ ଦେଉଛି । ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷାର ଆଦର କମୁଥିବା ବେଳେ ସଂସ୍କୃତି ଓ ପରମ୍ପରା ହଜି ହଜି ଯାଉଛି । ତଥାପି ପଡ଼ିଶା ରାଜ୍ୟର ପିଲାମାନେ ଓଡ଼ିଆ ଭାଷା ପଢିବା ଆଗ୍ରହ ଆମକୁ ବେଶ୍ ଗୌରବାନ୍ୱିତ କରୁଛି ।

ବାଲେଶ୍ୱର ଜିଲ୍ଲାର ଭୋଗରାଇ ଓ ଜଳେଶ୍ୱର ତହସିଲର ୯୦ଟି ଉପାନ୍ତ ଗ୍ରାମ ସହିତ ପୂର୍ବ ଓ ପଶ୍ଚିମ ମେଦୀନିପୁର ଜିଲ୍ଲାର ୮୪ଟି ଗ୍ରାମର ସୀମାକୁ ଲାଗିଛି । ସ୍ଥାୟୀ ସୀମା ଚିହ୍ନଟ ହୋଇ ନଥିବାରୁ ବାରମ୍ବାର ବିବାଦ ଦେଖା ଦେଉଥିଲେ ମଧ୍ୟ ସୀମା ଏପାରି ଓ ସେପାରି ଗାଁର ଲୋକଙ୍କ ଭଲ ପାଇବା, ଆନ୍ତରିକତା କମିନାହିଁ । ଶିକ୍ଷାର ପ୍ରଚାର ପ୍ରସାର ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ସୁବିଧା ସୁଯୋଗ ଖଞ୍ଜି ଦେଇଛନ୍ତି । ଶିକ୍ଷାର ବିକାଶ ଲାଗି ରାଜ୍ୟ ସରକାର ପିଲାଙ୍କୁ ମାଗଣାରେ ବହି, ମଧ୍ୟାହ୍ନ ଭୋଜନ, ପୋଷାକ, ଜୋତା ଆଦି ଯୋଗାଇ ଦେଉଛନ୍ତି । ଏବେ ନବମ ଓ ଦଶମ ଶ୍ରେଣୀ ପିଲାଙ୍କୁ ମଧ୍ୟ ଖାଦ୍ୟ ଦେବା ଲାଗି ବ୍ୟବସ୍ଥା ହୋଇଛି ।

ଓଡ଼ିଆ ପାଠ ପ୍ରତି ପିଲା ଓ ଅଭିଭାବକଙ୍କ ଆଗ୍ରହ କମୁଛି । ବଢି ଚାଲିଛି ବେସରକାରୀ ଓ ଇଂରାଜୀ ମାଧ୍ୟମ ବିଦ୍ୟାଳୟ । ମାତୃଭାଷା ପ୍ରୀତି ହଜି ଯାଉଛି । ପଶ୍ଚିମବଙ୍ଗ ସରକାର ମଧ୍ୟ ବହି, ଖାଦ୍ୟ, ପୋଷାକ, ଜୋତା ବ୍ୟତୀତ ପିଲାଙ୍କୁ ବ୍ୟାଗ୍, ଖାତା, ହରିଜନ ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଶ୍ରୀ, ଉଚ୍ଚଶିକ୍ଷା ପାଇଁ କନ୍ୟାଶ୍ରୀ ଯୋଜନାରେ ଅର୍ଥ ମଧ୍ୟ ଯୋଗାଇ ଦେଉଛନ୍ତି । ପଶ୍ଚିମବଙ୍ଗ ସରକାର ଶିକ୍ଷା ଉପରେ ଅଧିକ ଯତ୍ନଶୀଳ ବୋଲି କିଛି ଅଭିଭାବକ କହନ୍ତି । ବିଦ୍ୟାଳୟରେ ଶିକ୍ଷକ ଅଭାବ, ଆଞ୍ଚଳିକ ଭାଷା ଉପରେ ଗୁରୁତ୍ୱ କମ୍ ଦେଇ ଇଂରାଜୀକୁ ପ୍ରାଧାନ୍ୟ ଦେବା, ବିଭିନ୍ନ ଅଣ ଶୈକ୍ଷିକ କାର୍ଯ୍ୟ ଭାର ଆଦି ଶିକ୍ଷାଦାନର ମାନକୁ ହ୍ରାସ କରୁଛି ବୋଲି ଓଡ଼ିଶାର କେତେକ ଶିକ୍ଷକ ପ୍ରତିକ୍ରିୟାରେ କହନ୍ତି ।

ଭୋଗରାଇର ଉପାନ୍ତ ଅଞ୍ଚଳରୁ ଆମ ମାତୃଭାଷା ଗୁରୁତ୍ୱ ହରାଉଛି । ଭାଷା ଗୋଟିଏ ଜାତିର ସ୍ପନ୍ଦନ ଓ ଜଣେ ବ୍ୟକ୍ତିର ସ୍ୱାଭିମାନ । ଭାଷା ଶିକ୍ଷାକୁ ସରଳ ତଥା ବୋଧଗମ୍ୟ କରିଥାଏ । କିନ୍ତୁ ଭୋଗରାଇର ଅଧିକାଂଶ ଘରେ ବିରଜା, ଖଡ଼ିରତ୍ନ, ଶ୍ରୀଜଗନ୍ନାଥ ଭଳି ଓଡ଼ିଆ ପଞ୍ଜିକା ପରିବର୍ତ୍ତେ ବେଣୀମାଧବ ଓ ପି.ଏନ ବାଗ୍‌ଚି ଭଳି ବଙ୍ଗଳା ପଞ୍ଜିକାର ଆଦର ବେଶି । ଓଡ଼ିଆଙ୍କ ଦେବତା ଜଗନ୍ନାଥ ଓ ବାର ମାସରେ ତେର ପର୍ବ ଓଡ଼ିଶା ସମେତ ବହୁ ରାଜ୍ୟରେ ଦୀର୍ଘ ବର୍ଷ ଧରି ବହୁ ଆଡ଼ମ୍ବରରେ ପାଳନ ହୋଇ ଆସୁଛି । ମାତ୍ର ଆମେ ଏହାକୁ ଅବମାନନା କରି ଆସୁଛୁ । ଭୋଗରାଇର ଅନଳିଆ ପଞ୍ଚାୟତର ଶଙ୍ଖାମେଦି ଏମିତି ଏକ ଗାଁ ଯାହା ପଶ୍ଚିମବଙ୍ଗ ଦଖଲରେ ରହିଛି ।






୧୫୦ରୁ ଅଧିକ ପରିବାର ଓ ୫ଶହ ଲୋକଙ୍କୁ ନେଇ ଗଢା ଏହି ଗାଁ । ପ୍ରାୟ ୩ଶହ ଭୋଟର ରହିଛନ୍ତି । ଓଡ଼ିଶା ସରକାରଙ୍କ ପକ୍ଷରୁ ଏହି ଗାଁରେ ବିଦ୍ୟାଳୟ, ୩ଟି ନଳକୂଅ, ରାସ୍ତା, ୧୨୦ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ରାସନ କାର୍ଡ, ୨୮ଜଣଙ୍କୁ ବାର୍ଦ୍ଧକ୍ୟ ଭତ୍ତା, ୨୦ପରିବାରକୁ ସ୍ୱଚ୍ଛ ଭାରତ ଅଭିଯାନର ଶୌଚାଳୟ ଆଦି ଯୋଗାଇ ଦିଆଯାଇଛି । ମାତ୍ର ସେହି ଗାଁର ପିଲାମାନେ ବଙ୍ଗଳା ଭାଷାରେ ପାଠ ପଢିବା ସହିତ ୧୯୮୪ ମସିହାରୁ ଏପର୍ଯ୍ୟନ୍ତ ଉଭୟ ଓଡ଼ିଶା ଓ ପଶ୍ଚିମବଙ୍ଗ ନିର୍ବାଚନରେ ମତଦାନ ସାବ୍ୟସ୍ତ କରି ଆସୁଛନ୍ତି । ୨୦୨୦ ନଭେମ୍ବର ୬ରେ ପଶ୍ଚିମବଙ୍ଗ ପ୍ରଶାସନ ସାହାବାଜିପୁର ଗାଁକୁ ଧସେଇ ପଶି ଜେସିବି ଲଗାଇ ଗାଁ ଲୋକଙ୍କୁ ଉଚ୍ଛେଦ ଉଦ୍ୟମ ସେମାନଙ୍କ ଦାଦାଗିରିର ପରିଚୟ ଦେଇଥିଲେ । ଗତ ୨୦୨୧ ସେପ୍ଟେମ୍ବର ୭ରେ ଉଦୟପୁର ବେଳାଭୂମିରେ ବଙ୍ଗ ପ୍ରଶାସନ ବେଆଇନ ତଟ ସୁରକ୍ଷା ପ୍ରାଚୀର ନିର୍ମାଣ କଲେ । ଅତୀତରେ ପଡ଼ୋଶୀ ରାଜ୍ୟର ପଦିମା ଗ୍ରାମକୁ ବିଦ୍ୟୁତ୍ ତାର ଟଣାଯିବାବେଳେ ଭୀଷଣ ଗଣ୍ଡଗୋଳ ହୋଇଥିଲା । ଏହାଛଡ଼ା ତାଳସାରୀ ସାମୁଦ୍ରିକ ଥାନା, ଶୌଚାଳୟ ଆଦି ନିର୍ମାଣକୁ ବିରୋଧ କରି ଆସିଛନ୍ତି ପଶ୍ଚିମବଙ୍ଗ ପ୍ରଶାସନ ।

ବ୍ୟାସକବି ଫକୀର ମୋହନ ସେନାପତି ତାଙ୍କ ଆତ୍ମଜୀବନୀରେ ଓଡ଼ିଶା ଏକ ଭାଷା ଭିତ୍ତିକ ରାଜ୍ୟ ହୋଇଥିଲେ ମଧ୍ୟ ଏହାର ୨୮୦୦ ବର୍ଗ ମାଇଲ ଅଞ୍ଚଳ ପଶ୍ଚିମବଙ୍ଗରେ ରହିଥିବାର ଉଲ୍ଲେଖ କରିଛନ୍ତି । ଆମ ରାଜ୍ୟ ସରକାର, ଉତ୍କଳ ସମ୍ମିଳନୀ, ଭାଷା ସୁରକ୍ଷା ମଞ୍ଚ ଭଳି ସଂଗଠନ ଏ ଦିଗରେ ଉଚିତ୍ ପଦକ୍ଷେପ ନ ନେଲେ ଷଢେଇକଳା, ଖରସୁଆଁ ଭଳି ଶଙ୍ଖାମେଦିକୁ ସବୁଦିନ ପାଇଁ ହରାଇବାକୁ ପଡ଼ିବ ଏବଂ ଚନ୍ଦନେଶ୍ୱର ଅଞ୍ଚଳରୁ ଓଡ଼ିଆ ଭାଷାର ଦିନେ ନା ଦିନେ ବିଲୁପ୍ତି ଘଟିବ ଏଥିରେ କୌଣସି ସନ୍ଦେହ ନାହିଁ ।




## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ଭିଜିଲାନ୍ସ ଜାଲରେ ଓପିଏଚଡବ୍ଲୁସିର ଡେପୁଟି ମ୍ୟାନେଜର

**କଟକ, ୦୧/୦୪ ନ୍ୟୁଜ ବ୍ୟୁରୋ**

ଜମିପ୍ରିୟ ଡେପୁଟି ମ୍ୟାନେଜର । ଭିଜିଲାନ୍ସ ଜାଲରେ ପଡ଼ିଥିବା ଓପିଏଚଡବ୍ଲୁସିର ଡେପୁଟି ମ୍ୟାନେଜରଙ୍କ ୨୯ଟି ପ୍ଲଟ ଠାବ । ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ସମ୍ବଲପୁର ଡିଭିଜନର ଡେପୁଟି ମ୍ୟାନେଜର ବିଦ୍ୟୁତ ରଞ୍ଜନ ଭୋଳଙ୍କ ଘର ସହ ଏକକାଳୀନ ତିନୋଟି ସ୍ଥାନରେ ଚଢ଼ଉ କରିଥିଲା ଭିଜିଲାନ୍ସ । ତାଙ୍କର ଜମି କିଣିବା ନିଶା ଦେଖି ଭିଜିଲାନ୍ସ ତାଜୁବ ହୋଇଯାଇଛି । ତାଙ୍କର ଖୋର୍ଦ୍ଧାର ଜଟଣି, ବ୍ରହ୍ମପୁର ଏବଂ ଅନ୍ୟାନ୍ୟ ସ୍ଥାନରେ ୨୯ଟି ପ୍ଲଟ୍ ଠାବ ହୋଇଛି । ୨ଟି ବହୁ ମହଲା କୋଠା, ଭୁବନେଶ୍ୱରର କଳିଙ୍ଗ ବିହାରରେ ଏକ ଫ୍ଲାଟ୍ ଠାବ କରିଛି । ତାଙ୍କ ଘରୁ ୧ କିଲୋ ୧୪୦ ଗ୍ରାମ୍ ସୁନା ମିଳିଛି । ଯେଉଁଥିରେ ୬ଟି ସୁନା ମୁଦ୍ରା ଏବଂ ୨ଟି ସୁନା ବିସ୍କୁଟ୍ ରହିଛି ।

ଏଥିସହ ୪୮ ଲକ୍ଷ ୭୯ ହଜାର ୧୦୦ ନଗଦ ଟଙ୍କା ଜବତ କରିଛି ଭିଜିଲାନ୍ସ । ଏବେବି ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଜାଖୋଜି ଜାରି ରହିଛି । ବିଦ୍ୟୁତ ରଞ୍ଜନ ଭୋଳଙ୍କୁ ଭୁବନେଶ୍ୱର ଆଣି ଅଧିକ ଖୋଜାଖୋଜି କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ୱାରେଣ୍ଟ ଆଧାରରେ ବିଦ୍ୟୁତ ଭୋଳଙ୍କୁ ସମ୍ବଲପୁର ରେଳ ଷ୍ଟେସନରୁ ଧରିଥିଲା ଭିଜିଲାନ୍ସ ।

